ଧରିତ୍ରୀ
DHARITRI

November 3-9, 2019 ₹ 2/-

# ଛୁଟିଦିନ



# କଣ୍ଠେ ତୁଳସୀ ମୁଖେ ରାମ

୩
ପ୍ରଚ୍ଛଦ ପ୍ରସଙ୍ଗ

ଗାଁ ଦାଣ୍ଡରେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପାରମ୍ପରିକ ଲୋକକଳା ଦେଖିବାକୁ ମିଳେ। ମାତ୍ର ଏହି ଲୋକକଳାକୁ ବଞ୍ଚାଇ ରଖିଛନ୍ତି ହାତଗଣତି କେତେକ ଗୋଷ୍ଠୀ। ଯେମିତି ପୌରାଣିକ ବିଷୟ ଉପରେ ଆଧାରିତ ଜାନୁଘଣ୍ଟିଆ ପରମ୍ପରା। ଯାହା ଏବେ ବିଲୁପ୍ତପ୍ରାୟ...

୮/୯
ସିନେମା

ସହରଠୁ ଦୂର
୧୩





# ସେଲିବ୍ରିଟିଙ୍କ ଡର

**ପ୍ରତ୍ୟେକ ବ୍ୟକ୍ତିଙ୍କର କୌଣସି ନା କୌଣସି ଜିନିଷ ଲାଗି ଡର ନିଶ୍ଚିତ ଭାବେ ରହିଥାଏ। ତେବେ ବଲିଉଡର କିଛି ସେଲିବ୍ରିଟିଙ୍କ କ'ଣ ସବୁ ଡର ରହିଛି ଆସନ୍ତୁ ଜାଣିବା...**



* ଶ୍ରଦ୍ଧା କପୁରଙ୍କୁ ବିଜୁଳି ଏବଂ ଘଡଘଡିକୁ ବହୁତ ଡରଲାଗେ। ଏହାବ୍ୟତୀତ ତାଙ୍କର ହାଇଟ୍ ଫୋବିଆ ମଧ୍ୟ ରହିଛି।
* ରଣବୀର କପୁରଙ୍କୁ ପାଣିକୁ ଡର ଲାଗୁଥିଲା କିନ୍ତୁ କାଳକ୍ରମେ ଏହି ଡର ଦୂର ହୋଇଯାଇଥିଲା କିନ୍ତୁ ଆଜି ବି ତାଙ୍କୁ ଅସରପା ଏବଂ ବୁଢିଆଣୀ ଦେଖିଲେ ଡର ଲାଗେ।
* କିଙ୍ଗ୍ ଖାନ୍ ଶାହରୁଖଙ୍କ ଘୋଡା ଚଢିବା ପ୍ରତି ରହିଛି ଭୟ।
* ଆଲିଆ ଭଟ୍ଟଙ୍କୁ ଡରଲାଗିଥାଏ ଅନ୍ଧାରକୁ ତେଣୁ ରାତିରେ ଶୋଇଲା ବେଳେ ସେ ଡିମ୍ ଲାଇଟ୍ ଲଗାଇ ଶୋଇଥାନ୍ତି।
* ସାପକୁ ବହୁତ ଡରିଥାନ୍ତି ଦୀପିକା ପାଦୁକୋନ।
* ଅନୁଷ୍କା ଶର୍ମାଙ୍କୁ ବାଇକ୍‌ରେ ବସିବା ଏବଂ ଚଳେଇବା ପାଇଁ ବହୁତ ଡର ଲାଗିଥାଏ।
* ସୋନମ କପୁରଙ୍କ ଡର ହେଉଛି ବନ୍ଦ କୋଠରି। ତେଣୁକରି ସେ ଲିଫ୍ଟରେ ଯିବା ଅପେକ୍ଷା ପାହାଚ ଚଢି ଯିବାକୁ ପସନ୍ଦ କରିଥାନ୍ତି।
* ବିଦ୍ୟା ବାଲାନଙ୍କୁ ଡର ରହିଛି ବିଲେଇ ପ୍ରତି।
* ଅର୍ଜୁନ କପୁରଙ୍କର ସିଲିଙ୍ଗ ଫ୍ୟାନ ପ୍ରତି ରହିଛି ବହୁତ ଭୟ। ତେଣୁ ତାଙ୍କ ଘରେ ଗୋଟିଏ ବି ସିଲିଙ୍ଗ ଫ୍ୟାନ ନାହିଁ।
* ଅଜୟ ଦେବଗନଙ୍କୁ ହାତରେ ଖାଇବା ପାଇଁ ଡର ଲାଗିଥାଏ ତେଣୁ ସେ ଖାଇବା ପାଇଁ ଚାମଚ ବ୍ୟବହାର କରିଥାନ୍ତି।



# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ନଭେମ୍ବର ୩-୯**

**ମେଷ**: ନୂତନ କର୍ମାରମ୍ଭ, ଯାତ୍ରା ସଫଳ, ପ୍ରୋତ୍ସାହନ ମିଳିବ, ଠକାମିରେ ପଡ଼ିପାରନ୍ତି। ପାରିବାରିକ ଅଶାନ୍ତି, ସ୍ନାୟବିକ ଦୁର୍ବଳତା, ବନ୍ଧୁଙ୍କ ଅର୍ଥ ସାହାଯ୍ୟ, ଦୂରଯାତ୍ରାର ମସୁଧା, ଦ୍ରବ୍ୟଲାଭ, କୈଫିୟତ୍ ତଲବ, ଆନୁଷ୍ଠାନିକ କାମ, ସ୍ୱାସ୍ଥ୍ୟହାନି, ମିତ୍ରବନ୍ଧୁ ମିଳନ।

**ବୃଷ**: ମିତ୍ରତା ବୃଦ୍ଧି, ଦୂର ଯାତ୍ରା, ଖର୍ଚ୍ଚାନ୍ତ ହେବେ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ। ପଦମର୍ଯ୍ୟାଦା ବୃଦ୍ଧି, ସହାୟତା ପାଇବେ। ପାରିବାରିକ ସୌହାର୍ଦ୍ଦ୍ୟ, ଗବେଷଣାରେ ସଫଳତା, ବନ୍ଧୁଙ୍କ ସାହାଯ୍ୟ, ବିବାଦରେ ବିଜୟ।

**ମିଥୁନ**: ସାହାଯ୍ୟ ପାଇବେ, କାର୍ଯ୍ୟସିଦ୍ଧି, ସ୍ୱାସ୍ଥ୍ୟରେ ଉନ୍ନତି, ଖର୍ଚ୍ଚଭାର ବୃଦ୍ଧି, କର୍ମକ୍ଷେତ୍ରରେ ସମ୍ମାନ, ପରିବହନରେ ସମସ୍ୟା। ପଡ଼ୋଶୀଙ୍କ ଈର୍ଷା, ପ୍ରତିଦ୍ୱନ୍ଦ୍ୱିତାରେ ବିଫଳତା, ଧର୍ମକାର୍ଯ୍ୟ।

**କର୍କଟ**: ପାରିବାରିକ ସଦ୍‌ଭାବ, ଶୁଭ ଖବର, ବନ୍ଧୁଙ୍କୁ ସାହାଯ୍ୟ, କଳାସାହିତ୍ୟରେ ଉନ୍ନତି, ସମ୍ପର୍କ ହ୍ରାସ, ମାନସିକ ଅବସାଦ, ପରୋକ୍ଷ ଶତ୍ରୁତା, ଶିଳ୍ପ, ବାଣିଜ୍ୟରେ ଉନ୍ନତି, ତୀର୍ଥାଟନ, ସହକର୍ମୀଙ୍କ ବିରୋଧ, ବିଳାସବ୍ୟସନ।

**ସିଂହ**: ଭାବପ୍ରବଣତା, ପାରିବାରିକ ଝଗଡ଼ା, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା। ଶୁଭ ଖବର, ଆର୍ଥିକ ଉନ୍ନତି, ଯାତ୍ରାରେ ସଫଳତା, ଯାନ୍ତ୍ରିକ ଜିନିଷ ଲାଭ, ସନ୍ତାନ ସୌଖ୍ୟ, ଋଣ ପରିଶୋଧ, ବିଦେଶ ଯାତ୍ରା, ଆନୁଷ୍ଠାନିକ କାମ।

**କନ୍ୟା**: ନୂତନ କର୍ମାରମ୍ଭ, ପାରିବାରିକ ସମର୍ଥନ, ବନ୍ଧୁଙ୍କ ସହାନୁଭୂତି, ବକେୟା ପ୍ରାପ୍ତି, କଚେରି ମାମଲା, ସ୍ତ୍ରୀଙ୍କ ପ୍ରେରଣା, ଖୁସି ଖବର, ସତ୍‌ସଙ୍ଗ। ଧର୍ମକାର୍ଯ୍ୟ, ପ୍ରଶାସନିକ ଅସ୍ଥିରତା, ସ୍ଥାନାନ୍ତର ଚିନ୍ତା।

**ତୁଳା**: ବୈଷୟିକ ଉନ୍ନତି, ଶାରୀରିକ ଦୁର୍ବଳତା, ଗୃହ ନବୀକରଣ, ସୁଯୋଗର ଦୁରୂପଯୋଗ, କାରବାରରେ କ୍ଷତି, ସହକର୍ମୀଙ୍କ ସାହାଯ୍ୟ। ପ୍ରଶାସନିକ ସଫଳତା, ଯାନବାହନରେ ତ୍ରୁଟି, ନିର୍ମାଣରେ ବାଦାନୁବାଦ, ଶତ୍ରୁତାର ଅବସାନ, ଦୂରଯାତ୍ରା।

**ବିଛା**: ଶୁଭ ଖବର, ବନ୍ଧୁ ମିଳନ, ଲକ୍ଷ୍ୟ ପୂରଣ, ଯାନ୍ତ୍ରିକ ତ୍ରୁଟି। ଧର୍ମକାର୍ଯ୍ୟ, ଆତ୍ମୀୟଙ୍କ ପ୍ରେରଣା, ବିବାଦୀୟ କାର୍ଯ୍ୟ, ବସ୍ତ୍ରଭୂଷଣ ପ୍ରାପ୍ତି, ମାନସିକ ସୁସ୍ଥତା, ମୂଲ୍ୟବାନ ଦ୍ରବ୍ୟଲାଭ, ଚକ୍ଷୁପୀଡ଼ା, ସେବା ଓ ପରୋପକାର, ସାଂସ୍କୃତିକ କାର୍ଯ୍ୟକ୍ରମ।

**ଧନୁ**: ପାରିବାରିକ ବିଶୃଙ୍ଖଳା, ଭାରାକ୍ରାନ୍ତ ମନ, ଧନ ହାନି, ଉଚ୍ଚବର୍ଗଙ୍କ ସମାଲୋଚନା, ଶାରୀରିକ ଅସୁସ୍ଥି। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା। ଆର୍ଥିକ ସ୍ୱଚ୍ଛଳତା, ପ୍ରିୟ ବନ୍ଧୁଙ୍କ ସାନ୍ନିଧ, ଇଚ୍ଛା ବିରୋଧ କାର୍ଯ୍ୟ, ସ୍ୱର୍ଣ୍ଣାଳଙ୍କାର ଲାଭ।

**ମକର**: ବନ୍ଧୁଙ୍କ ଅଭିମାନ, ପଡ଼ୋଶୀଙ୍କ କ୍ରୋଧ, ସନ୍ତାନଙ୍କ ଦାବି, ପଦସ୍ଥବ୍ୟକ୍ତିଙ୍କ କ୍ରୋଧ, ବାଣିଜ୍ୟରେ ପ୍ରତିବନ୍ଧକ, ପରିବହନରେ ଝଗଡ଼ା, ନୂତନ ମୈତ୍ରୀ, ମାଙ୍ଗଳିକ କାମ, କଳାପ୍ରିୟତା, ଶୁଭ ଖବର, ଆର୍ଥିକ ଉନ୍ନତି।

**କୁମ୍ଭ**: ଆର୍ଥିକ ଅନଟନ, ଭୁଲ୍ ବୁଝାମଣା, ସନ୍ତାନଙ୍କ ସମସ୍ୟା, ସରକାରୀ ସାହାଯ୍ୟ, ଧର୍ମଚର୍ଚ୍ଚା। ସୁଯୋଗ ଲାଭ, ସମସ୍ୟା ସମାଧାନ, ସ୍ଥଗିତ ଯାତ୍ରା, ପାରିବାରିକ ସମସ୍ୟା, ଦୈହିକ ଦୁର୍ବଳତା, ମହତ୍ ଭାବନା, କଲ୍ୟାଣମୂଳକ କାମ, ବିଳାସବ୍ୟସନ।

**ମୀନ**: ଧୈର୍ଯ୍ୟଚ୍ୟୁତି, ସହାନୁଭୂତି ପ୍ରାପ୍ତି, ବୁଝାମଣାରେ ଉନ୍ନତି, ନୂତନ ସମ୍ପର୍କ, ଅଧାପନ୍ତରିଆ କାମ, ବ୍ୟୟ ବୃଦ୍ଧି। ବିଶ୍ୱାସରୁ ହଇରାଣ, ବନ୍ଧୁଙ୍କ ଦୋମୁହାଁକଥା, ନୂତନ କର୍ମାରମ୍ଭ, ଆଇନ ସହାୟତା, ବିବାଦରେ ବିଜୟ, ଗୃହଜମି ଲାଭ, ଚାକିରି ଅଫର୍।

# ଆଳୁ ଆକୃତି ହୋଟେଲ

ଯୁକ୍ତରାଷ୍ଟ୍ର ଆମେରିକାର ଇଡାହୋ ରାଜ୍ୟର ରାଜଧାନୀ ବୋଇସେଠାରେ ରହିଛି ଏଭଳି ଏକ ହୋଟେଲ, ଯାହା ହେଖିବାକୁ ଆଳୁ ଆକୃତିର। ଏହି ହୋଟେଲକୁ ଦେଖିଲେ ଲାଗେ ମାଟି ଉପରେ ଏକ ବଡ ଆଳୁ ରଖାଯାଇଛି । ୬ ଟନ୍ ଓଜନ ବିଶିଷ୍ଟ ଏହି ହୋଟେଲରେ ଯାତ୍ରୀମାନଙ୍କ ରହିବା ପାଇଁ ବ୍ୟବସ୍ଥା ରହିଛି । ୨୮ ଫୁଟ ଲମ୍ବ, ୧୨ ଫୁଟ ଓସାର ଏବଂ ୧୧.୫ ଫୁଟ ଉଚ୍ଚ ବିଶିଷ୍ଟ ଏହି ହୋଟେଲ ଷ୍ଟିଲ, ପ୍ଲାଷ୍ଟର ଏବଂ କଙ୍କ୍ରିଟରେ ନିର୍ମିତ ହୋଇଛି । ହୋଟେଲ ଭିତରେ ଏକ ବେଡ୍, ଦୁଇଟି ଚେୟାର, ଏକ ଶେଲ୍ଫ, ତା'ସହ ଏକ ଲାଉଞ୍ଜ, ବାଥ ଟବ୍, ଶୀତଦିନେ ଶୀତ ଦାଉରୁ ରକ୍ଷାପାଇବା ଲାଗି ଫାୟାର ପ୍ଲେସ୍ ମଧ୍ୟ ରହିଛି। ତେବେ ଦୁଇ ଜଣ ଯାତ୍ରୀ ରହିବା ଲାଗି ଉଦ୍ଦିଷ୍ଟ ଥିବା ଏହି ହୋଟେଲରେ ଗୋଟିଏ ରାତ୍ରିଯାପନ କରିବା ଲାଗି ୨୦୦ ଡଲାର ଦେବାକୁ ପଡ଼ିଥାଏ।



# ପାଠକୀୟ

❖ଜରୁରୀ ଆବଶ୍ୟକତାକୁ ଅନୁଭବ କରି ନିଜର ପ୍ରଗାଢ଼ ଉଦ୍ୟମ ଓ ଆତ୍ମବିଶ୍ୱାସ ବଳରେ ଆମର କିଛି ଓଡ଼ିଆ ସ୍ରଷ୍ଟା ନୂଆ ନୂଆ ଯନ୍ତ୍ରପାତି ଉଦ୍‌ଭାବନ କରିଛନ୍ତି, ଯାହା ଆଗାମୀ ପିଢିଙ୍କ ପାଇଁ ନିଶ୍ଚୟ ପ୍ରେରଣାଦାୟକ। ତା'ଛଡ଼ା ଏହିସବୁ ଯନ୍ତ୍ରପାତି ଉଦ୍‌ଭାବନ କରିବା ପାଇଁ ଯେ ଉଚ୍ଚଶିକ୍ଷା ନିହାତି ଜରୁରୀ ତାହା ବି ସବୁ କ୍ଷେତ୍ରରେ ଭାବିବା ଠିକ୍ ନୁହେଁ। ତେଣୁ ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ନିଆରା ସ୍ରଷ୍ଟା' ସତରେ ଏକ ନିଆରା ବିଷୟ ଥିଲା। 'ପରଫ୍ୟୁମ୍‌ରୁ ଜାଣନ୍ତୁ ବ୍ୟକ୍ତିତ୍ୱ'ପାଠଟିରୁ ଅନେକ ନୂଆ କଥା ଜାଣିହେଲା।

***–ଅରୁଣ କୁମାର ନାୟକ, ମାନସ କୁମାର ଜେନା, ଏରେଇଁ, ଚରମ୍ପା, ଭଦ୍ରକ***

❖ଆବଶ୍ୟକତା ସବୁବେଳେ ଉଦ୍ଭାବନର କାରଣ। ସେଥିପାଇଁ ଜରୁରୀ ନୁହେଁ ବିଧିବଦ୍ଧ ଶିକ୍ଷା ବା ପ୍ରଶିକ୍ଷଣ, ଯାହାକୁ ପ୍ରମାଣ କରି ଦେଖାଇଛନ୍ତି ଏମିତି କେତେଜଣ ସ୍ରଷ୍ଟା। ଏହି ସ୍ରଷ୍ଟାମାନେ ପ୍ରଶିକ୍ଷଣ ନ ନେଇ ବି ତିଆରି କରିଛନ୍ତି ଏମିତି କିଛି ନୂଆ ନୂଆ ଜିନିଷ, ଯାହା ସାଧାରଣ ଲୋକଙ୍କର ଖୁବ୍ ଉପକାରରେ ଆସି ପାରୁଛି। ତେଣୁ ଏପରି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ଅତି ଉଚ୍ଚକୋଟୀର ହୋଇଥିଲା। 'ଶରୀରରେ କେଉଁଠି କରିବେ ଟାଟୁ' ପାଠଟି ସତରେ ଖୁବ୍ ଶିକ୍ଷଣୀୟ ଥିଲା।

***–ରାକେଶ ରାଉଳ, ଆଳି, କେନ୍ଦ୍ରାପଡ଼ା***

❖ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଶିଷ୍ଟ ନାଟ୍ୟକାର, ଔପନ୍ୟାସିକ, ଅଭିନେତା ତଥା ଟେଲିଭିଜନ ପର୍ସନାଲିଟି ଭାବେ ଜଣାଶୁଣା ଭୀଷ୍ମ ସାହାଣୀଙ୍କ ଜୀବନୀ ସମ୍ପର୍କରେ ଅନେକ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଜୀବନ' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ସେହିପରି ସିନେମା ପୃଷ୍ଠାଟି ବି ବେଶ୍ ଆକର୍ଷଣୀୟ ଲାଗୁଥିଲା। ଅନ୍ୟପକ୍ଷେ ସାଥୀର ହେଡିଂ 'ଶାଳୀ ହୋଇଥାଉ ଯେତେ ବାନ୍ଦେରୀ, ସ୍ତ୍ରୀଠାରୁ ଲାଗେ ସେ ଭାରି ସୁନ୍ଦରୀ'ଟି ମୋ ମନ କିଣିନେଲା।

***–ଲିପ୍‌ସା ପ୍ରଧାନ, ନାଉଗାଁ, ଜଗତ୍‌ସିଂହପୁର***

❖'ଅଜବ ନେଲ୍ ଆର୍ଟ' ପାଠଟିରେ ସ୍ଥାନିତ ସମସ୍ତ ଫଟୋ ବେଶ୍ ଅଜବ ଲାଗୁଥିଲା। ମଡେଲ୍ ଯସ୍ମିନ୍ ବି ଖୁବ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ସହର ପୃଷ୍ଠାରୁ 'ଯନ୍ତର ମନ୍ତର' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। କାର୍ଟୁନ କର୍ନର ଓ ହାଃ ହାଃ ବି ବେଶ୍ ମଜାଳିଆ ହୋଇପାରୁଛି।

***–ରୁଦ୍ରାଣୀ ସେନାପତି, ସମ୍ବଲପୁର***

❖ବିବିଧା ପୃଷ୍ଠାରେ ସ୍ଥାନିତ '୧୨ ମିନିଟ୍‌ରେ ଖାଇଲେ ୬୫ ପ୍ରକାର ଖାଦ୍ୟ' ଏବଂ ବ୍ୟାକ୍‌ପେଜ୍‌ରେ ସ୍ଥାନିତ 'କୁକୁରର ମାଟରନିଟି ଫଟୋଶୁଟ୍', 'ସୁନା ମଣିଷ' ତଥା 'ପାସ୍ତା ଷ୍ଟ୍ର' ଆଦି ପାଠଗୁଡ଼ିକ ଖୁବ୍ ଆଶ୍ଚର୍ଯ୍ୟକର ଥିଲା। ଅନ୍ୟପକ୍ଷେ ଯାତ୍ରା ପୃଷ୍ଠାରେ ସ୍ଥାନିତ 'ବଙ୍କିମଙ୍କ ନୂଆ ମିଶନ' ଏବଂ 'ଅଭିନୟ ପ୍ରେମୀ ରୋହନ' ଆଦି ପାଠଗୁଡ଼ିକରୁ ସେମାନଙ୍କର ଯାତ୍ରା ଜୀବନୀ ସମ୍ପର୍କରେ ମନଛୁଆଁ କାହାଣୀ ପଢ଼ି ଖୁସି ହେଲି।

***–ସୌଦାମିନୀ ମହାନ୍ତି, ଜଟଣୀ, ଖୋର୍ଦ୍ଧା***

## ବିଶେଷ ଚିଠି

ଧରିତ୍ରୀରେ ବସିଛି ରବିବାର ହାଟ
ଛୁଟିଦିନ ସାଥେ ସଭିଙ୍କର ଭେଟ।
ସାଇତି ରଖେ ସେ ଦେଶ ବିଦେଶ ସଜ
ଦେଖ ପ୍ରଚ୍ଛଦ ପ୍ରସଙ୍ଗରୁ ବ୍ୟାକ୍‌ପେଜ୍।
ପସରାରେ ମେଲି ବ୍ୟକ୍ତିତ୍ୱ, ସୃଜନ
ମଞ୍ଚମାୟା ସଙ୍ଗେ ସିନେମା ଜୀବନ।
ସଂସ୍କୃତି, ପରମ୍ପରାର କଥା କହୁଛି
ବୁଝୁଥିବା ଲୋକ ବୁଲି ଦେଖୁଛି।
ଦେଖାହେବ ପୁଣି ଆରପାଳିକୁ
ଆସୁଛୁ ଆସୁଥା କାଳକାଳକୁ।

***–ଦେବପ୍ରସାଦ ଜେନା, ଇଟାମାଟି, ନୟାଗଡ଼***




ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com



# କଣ୍ଠେ ତୁଳସୀ ମୁଖେ ରାମ

**ଗାଁ ଦାଣ୍ଡରେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପାରମ୍ପରିକ ଲୋକକଳା ଦେଖିବାକୁ ମିଳେ। ମାତ୍ର ଏହି ଲୋକକଳାକୁ ବଞ୍ଚାଇ ରଖିଛନ୍ତି ହାତଗଣତି କେତେକ ଗୋଷ୍ଠୀ। ଯେମିତି ପୌରାଣିକ ବିଷୟ ଉପରେ ଆଧାରିତ ଜାନୁଘଣ୍ଟିଆ ପରମ୍ପରା। ଯାହା ଏବେ ବିଲୁପ୍ତପ୍ରାୟ...**

ଲୋକକଳାର ଆରମ୍ଭ କାହିଁ କେଉଁ କାଳରୁ । ବିଶେଷକରି ସାଧାରଣ ନିରକ୍ଷରଙ୍କଠାରୁ ଆରମ୍ଭ କରି ଶିକ୍ଷିତଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଯେତେବେଳେ ଟିକେ ଅବସର ମିଳେ ସେତେବେଳେ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଚିତ୍ତ ବିନୋଦନ କରିଥାନ୍ତି। ଏହା ସାମାଜିକ ଜୀବନରେ ପ୍ରଭାବ ପକାଇଥାଏ । ଗାଁ ଦାଣ୍ଡରେ ବିଭିନ୍ନ ସମୟରେ ପାରମ୍ପରିକ ଲୋକକଳା ଦେଖିବାକୁ ମିଳେ । ମାତ୍ର ଏମିତି କିଛି ଲୋକକଳାକୁ ବଞ୍ଚାଇ ରଖିଛନ୍ତି ହାତଗଣତି କେତେକ ଗୋଷ୍ଠୀ। ଯେମିତି ପୌରାଣିକ ବିଷୟ ଉପରେ ଆଧାରିତ ଜାନୁଘଣ୍ଟିଆ ପରମ୍ପରା। ଆମ ଐତିହ୍ୟ ଓ ଲୋକକଳାର ଏକ ନିଆରା ପରିଚୟ, ଯାହା ଏବେ ବିଲୁପ୍ତପ୍ରାୟ। ଏହି କଳାର ଲୋକକଥାରେ ରହିଛି ଧର୍ମବିଶ୍ୱାସ। ଏଥିରେ ମୁଖ୍ୟତଃ ଜାନୁଘଣ୍ଟ ପର୍ଶୁରାମଙ୍କ ବୀରଠାଣି , ବୀରକୁହାଟ ଓ ବଚନିକାରେ ଶୁଣିବାକୁ ମିଳିଥାଏ ପୁରାଣ ଗ୍ରନ୍ଥର ବାଣୀ । ଏପରି ପରମ୍ପରା ଓ ପ୍ରଥାରେ ଚଳିଆସୁଥିବା ଗୋଷ୍ଠୀଙ୍କ ପରିଚୟ ସ୍ୱତନ୍ତ୍ର। ଏମାନେ ଧର୍ମ ପ୍ରଚାରକ, ସମାଜ ମଙ୍ଗଳ ନିମନ୍ତେ କେତେକ ଧର୍ମବାଣୀକୁ ପ୍ରଚାର କରିଥାନ୍ତି। ତେବେ ଏପରି ସଂସ୍କୃତିକୁ ବଞ୍ଚାଇ ରଖିଥିବା ଗୋଷ୍ଠୀଙ୍କୁ ବିଶେଷକରି ଦକ୍ଷିଣ ଓଡ଼ିଶାରେ ଦେଖିବାକୁ ମିଳେ।

**ପୌରାଣିକ ବିଷୟ**- ସତ୍ୟଯୁଗରେ ଜଣେ ରାଜା ନିଜ ଦେଶରେ ସୁଶାସନ କରି ସୁକୀର୍ତ୍ତି ଅର୍ଜନ କରିଥିଲେ । ଋଷି ପ୍ରତିମ ଏହି ରାଜା ଲୋକ କଲ୍ୟାଣକୁ ଆପଣେଇ ଭୋଗ ଅପେକ୍ଷା ତ୍ୟାଗରେ ବିଶ୍ୱାସ କରୁଥିବାର ଆଦର୍ଶ ଅତ୍ୟନ୍ତ ମହନୀୟ। ପ୍ରଜାମାନଙ୍କ ପାଇଁ ଆଡ଼ମ୍ବରଶୂନ୍ୟ ଭିକ୍ଷୁ ବେଶରେ ଜାନୁରେ ଘଣ୍ଟି ବାନ୍ଧି ଇଷ୍ଟଦେବ ସୂର୍ଯ୍ୟଙ୍କ ସ୍ମରଣକରି ରାଜା ଥାଳ ଧରି ଭିକ୍ଷାଂ ଦେହି କରୁଥିଲେ। ଜାନୁରେ ଘଣ୍ଟି ବାନ୍ଧି ଭିକ୍ଷା କରିଥିବାରୁ ସାଧାରଣରେ ସେ ଜାନୁଘଣ୍ଟିଆ ନାମରେ ପରିଚିତ ହେଲେ । ଗବେଷକ ଅନନ୍ତରାମ କର କୁହନ୍ତି, ପୁରାଣ ପୃଷ୍ଠାରେ ଉଲ୍ଲେଖ ଅଛି ଯେ, ଏକଦା ତ୍ରିପୁର ବିଜୟୀ ପର୍ଶୁରାମ କ୍ଷତ୍ରିୟ ବଂଶ ନିପାତ କରି ଫେରୁଥିବାବେଳେ ଶ୍ରୀରାମଚନ୍ଦ୍ରଙ୍କ ସହିତ ମୁହାଁମୁହିଁ ହୋଇଥିଲା। ଠିକ୍ ସେତିକି ବେଳେ ପ୍ରଭୁ ଶ୍ରୀରାମଚନ୍ଦ୍ର ଶିବ ଧନୁଭାଙ୍ଗି ମା'ସୀତାଙ୍କୁ ଧରି ଫେରୁଥିଲେ। ସେହି ସମୟର ରାମ ଓ ପର୍ଶୁରାମଙ୍କ ମଧ୍ୟରେ ବାକ୍ୟ ବିନିମୟର ଶବ୍ଦାବଳୀକୁ ନେଇ ଜାନୁଘଣ୍ଟିଆ ପରମ୍ପରା ରହିଛି। ଏହି ପରମ୍ପରାରେ ପ୍ରଭୁ ଶ୍ରୀରାମ ଓ ପର୍ଶୁରାମଙ୍କ ମଧ୍ୟରେ ବାର୍ତ୍ତାଳାପ ବା ବଚନିକାଗୁଡ଼ିକୁ ବୀର ରସ, ଛାନ୍ଦ, ଚୌପଦୀ ମାଧ୍ୟମରେ ଆବୃତ୍ତି କରି ସାମରିକ ଠାଣିରେ ସମରକଳା ପ୍ରଦର୍ଶନପୂର୍ବକ ଉଚ୍ଚସ୍ୱରରେ ବାରମ୍ବାର ଗାନ କରାଯାଏ । ଦୁଇଜଣ ଯଥା–ରାମ ଓ ପର୍ଶୁରାମଙ୍କ ଭୂମିକାରେ ଫାର୍ଶାଧରି ବାକ୍ୟାଳାପ କରିଥାନ୍ତି। ଗଞ୍ଜାମର ଘୁମୁସର ଅଞ୍ଚଳର ବାଲିପଦର ଗ୍ରାମରେ କଳ୍ପତରୁ ଦାସଙ୍କର ରାମାୟଣ ରଚନାରୁ କିଛି ପଂକ୍ତି ଏମାନେ ବୋଲିଥାନ୍ତି। ଏହି ସବୁ କଥୋପକଥନ ରାମାୟଣରେ ବର୍ଣ୍ଣିତ ରାମ–ପର୍ଶୁରାମଙ୍କ ଭେଟ ସମୟର ବୋଲି ସେ କୁହନ୍ତି । । ଏଥିରେ ରାମାୟଣ କଥା ଯୋଡ଼ିହୋଇଥିବା ବେଳେ ଶିବଙ୍କ କୃପାଲାଭ କଥା ରହିଛି। ଜାନୁଘଣ୍ଟିଆ ଜାନୁରେ ଘଣ୍ଟି ବାନ୍ଧି ଦେଶ ଦେଶ ବୁଲି ରାମ ନାମ ପ୍ରଚାର କରି ଧର୍ମଦାଣ୍ଡରେ ତିନି ଦ୍ୱାରରୁ ଭିକ୍ଷା ଗ୍ରହଣ କରୁଥିଲେ। ଶାରଳା ମହାଭାରତରେ ଜାନୁଘଣ୍ଟ ସମ୍ପର୍କରେ ଉଲ୍ଲେଖ ଅଛି। ସତ୍ୟଯୁଗରେ ଜଣେ ଚକ୍ରବର୍ତ୍ତୀ ମହାରାଜା ଜାନୁଘଣ୍ଟ ନାଁରେ ମଧ୍ୟ ପରିଚିତ ଥିଲେ।

**ପାରମ୍ପରିକ ପ୍ରଥା**–: ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ଗୋବରା ଗ୍ରାମପଞ୍ଚାୟତ ଷଡ଼ଙ୍ଗୀପଲ୍ଲୀ ଗାଁର ଗୋଲକ ଦାସ (୭୫) କୁହନ୍ତି, ବାପ ଗୋସାପ ଅମଳରୁ ଆମର ଏହି ପରମ୍ପରା ଚଳିଆସୁଛି। ପୁରୁଷମାନେ ଜାନୁରେ ଘଣ୍ଟି ବାନ୍ଧିବା ତାଙ୍କର କୌଳିକ ପରମ୍ପରା । ଉତ୍ତରାଧିକାରୀଙ୍କ ମଧ୍ୟରୁ କେହି ଜଣେ ଯଦି ଜାନୁରେ ଘଣ୍ଟି ନ ବାନ୍ଧେ, ତା'ହେଲେ ବଂଶରେ ବିପଦ ପଡ଼ିବାର ଏକ ଅହେତୁକ ଭୟର ଆଶଙ୍କା ରହିଥାଏ। ତେଣୁ ବଂଶାନୁକ୍ରମିକ ଭାବେ ସମସ୍ତଙ୍କ ମଙ୍ଗଳ ପାଇଁ ପରମ୍ପରାରେ ପରିଚାଳିତ ହୋଇଥାଉ। ଆମର ଗାର୍ହସ୍ଥ୍ୟ ଧର୍ମ ରହିଛି। ଗୁରୁଶିଷ୍ୟ ପରମ୍ପରା ମଧ୍ୟ ରହିଛି। ଯଦି କୌଣସି ଜାନୁଘଣ୍ଟିଆ ପରିବାର ଅପୁତ୍ରକ ହୁଏ ସେ କୌଣସି ଜାତିରୁ ଶିଷ୍ୟ ନିର୍ବାଚନ କରି ଆଣି ତାକୁ ଜାନୁଘଣ୍ଟିଆ ଦୀକ୍ଷାରେ ଦୀକ୍ଷିତ କରିଥାଏ । କୌଣସି ଗୃହସ୍ଥ ତା'ର ପୁତ୍ର ସନ୍ତାନକୁ ଜାନୁଘଣ୍ଟିଆ କରିବା ପାଇଁ ମାନସିକ କରିଥାନ୍ତି ତେବେ ଉକ୍ତ ସନ୍ତାନକୁ ଜାନୁଘଣ୍ଟ ଦୀକ୍ଷା ଦେଇଥାନ୍ତି। ଗୃହକର୍ତ୍ତା ଗୁରୁ ଶିଷ୍ୟ ଉଭୟଙ୍କୁ ନୂଆ ଲୁଗା, ଅରୁଆ ଚାଉଳ,ଦକ୍ଷିଣା, ଘଣ୍ଟ, ଥାଳ ଇତ୍ୟାଦି ଯୋଗାଇଥାନ୍ତି। ଜାନୁଘଣ୍ଟିଆ ପରମ୍ପରାରେ ପ୍ରଥମ ଶିଷ୍ୟର ଆତ୍ମଶୋଧନ ପାଇଁ ବୈଷ୍ଣବ ଗୁରୁମନ୍ତ୍ର ଦେବା ପରେ ଗାଦିପୀଠରେ ଦଶାବତାର ଥାଳରେ ନୂଆଘଣ୍ଟିକୁ ଛୁଆଁଇ ଶ୍ଳୋକ ଉଚ୍ଚାରଣ ପୂର୍ବକ ଗୁରୁ ତାଙ୍କ ଶିଷ୍ୟଙ୍କ ଜାନୁରେ ବାନ୍ଧିଥାଆନ୍ତି। ତା'ପରେ ଜାନୁଘଣ୍ଟ ଦୀକ୍ଷାରେ ଦୀକ୍ଷିତ ଶିଷ୍ୟ ସେହି ଗୁରୁଙ୍କ ସହ ତିନି ଘର ବା ତିନି ସାହି କିମ୍ବା ତିନି ଗାଁ ବୁଲି ମୁକ୍ତ ଭିକ୍ଷା ମାଗିବା ପରେ ସେହି ଭିକ୍ଷାକୁ ଗୁରୁଦକ୍ଷିଣା ଭାବେ ପ୍ରଦାନ କରିଥାଏ। ଜାନୁଘଣ୍ଟ ଦୀକ୍ଷାରେ ଦୀକ୍ଷିତ ଶିଷ୍ୟଟି କୋଦଣ୍ଡଧାରୀ ରାମଙ୍କ ବେଶରେ ସଜେଇ ହୋଇ ଗାଁ ପରିକ୍ରମା କରେ। ଯଦି ଶିଷ୍ୟ ଜଣକ ପ୍ରତିଦିନ ଏ ବୃତ୍ତି କରି ନ ପାରିବ ତେବେ ନିଜର ଥାଳ ଓ ଘଣ୍ଟି ଗୁରୁଙ୍କୁ ପ୍ରଦାନ କରି ଋଣମୁକ୍ତ ହୁଏ।

**ରୀତିନୀତି**-: କଳା ,ସଂସ୍କୃତି ଓ ପରମ୍ପରା ଗୋଟିଏ ଜାତିର ଜୀବନସତ୍ତାର ପ୍ରତୀକ ତଥା ସଭ୍ୟତା ଓ ବିକାଶର ପରିଚୟ ଦେଇଥାଏ। ଐତିହାସିକ ପ୍ରଫେସର ଅଶୋକ କୁମାର ରଥ କୁହନ୍ତି, ଜୈନଧର୍ମ ସହିତ ଏମାନଙ୍କ ଜୀବନଶୈଳୀରେ ଅନେକ ସାମଞ୍ଜସ୍ୟ ରହିଛି। ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟଙ୍କ ପକ୍ଷରୁ ଜାନୁଘଣ୍ଟିଆ ପର୍ଶୁରାମ ନୃତ୍ୟ ଦେଖିବାକୁ ମିଳେ । ଏମାନେ ଛୋଟବଡ଼ ସହର ବଜାର ସମେତ ଗାଁ ଗାଁରେ ଧାର୍ମିକ ମନୋରଞ୍ଜନକୁ ପୁରୁଷାନୁକ୍ରମେ ଦେଖାଇଥାନ୍ତି। ଜାନୁଘଣ୍ଟିଆମାନେ ଗାଁ ପରିକ୍ରମା କଲେ ଗାଁର ମଙ୍ଗଳ ହୁଏ ବୋଲି ଲୋକକଥା ରହିଛି। ଜାନୁଘଣ୍ଟିଆ ପରିବାରର

→





ସଦସ୍ୟ ଏହି କୌଳିକ ପ୍ରଥାକୁ ପାଳନ ବେଳେ ନିଜର ପାରମ୍ପରିକ ପୋଷାକ ପିନ୍ଧିଥାନ୍ତି। ବିଶେଷକରି ଅମାବାସ୍ୟା, ଏକାଦଶୀ, ସଂକ୍ରାନ୍ତି, ପୂର୍ଣ୍ଣିମାରେ ଏମାନେ ଘରୁ ବାହାରିଥାନ୍ତି। ଜାନୁଘଣ୍ଟିଆ ଯଦି ଘରୁ ଗୋଡ଼ କାଢ଼ନ୍ତି, ତେବେ ୯, ୧୭ କିମ୍ବା ୨୧ଦିନ ପରେ ଘରକୁ ଫେରିଥାନ୍ତି। ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ଯିବାବେଳେ ସ୍ବାଭିମାନୀ ଜାନୁଘଣ୍ଟିଆ ଗାଁ ଦାଣ୍ଡେ ଦାଣ୍ଡେ ଯାଆନ୍ତି । କିନ୍ତୁ ଭିକ୍ଷା ପାଇଁ କାହାର ଦ୍ୱାରସ୍ଥ ହୁଅନ୍ତି ନାହିଁ । ଘଣ୍ଟିବାଦ୍ୟ ଶୁଣି ଦାତାମାନେ ଧର୍ମଦାଣ୍ଡରେ ଦାନ କରିଥାନ୍ତି। ଦିନସାରା ଭିକ୍ଷା କରିଥାନ୍ତି, ମାତ୍ର ସୂର୍ଯ୍ୟାସ୍ତ ପରେ ଭିକ୍ଷା ଗ୍ରହଣ କରନ୍ତି ନାହିଁ। କେତେକେ ମଧ୍ୟ ଅନ୍ୟ ଦିନମାନଙ୍କରେ ଝଡ଼ାଫୁଙ୍କା ଓ ଚେରମୂଳି ଔଷଧ ତଥା ପଞ୍ଚାମୃତ, ଚରୁ ଆଦି ଆୟୁର୍ବେଦିକ ଦ୍ରବ୍ୟ ଲୋକଙ୍କୁ ପ୍ରଦାନ କରିଥାନ୍ତି। ଏହାଦ୍ୱାରା ସେମାନେ ସେହି ଦିନଗୁଡ଼ିକରେ ଜୀବିକା ଅର୍ଜନ କରିଥାନ୍ତି। ଏମାନେ ମହାପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ପରମ ଆରାଧ୍ୟ ଦେବତା ରୂପେ ପୂଜା କରିଥାନ୍ତି।

**ବେଶଭୂଷା-:** ବୈଷ୍ଣବ ବେଶରେ ଜାନୁଘଣ୍ଟିଆମାନେ ବିଚରଣ କରନ୍ତି । ବେଲଗୁଣ୍ଠା ଷଡ଼ଙ୍ଗୀପଲ୍ଲୀ ଗାଁର ସନ୍ତୋଷ ଦାସ କୁହନ୍ତି, ଜାନୁଘଣ୍ଟିଆଙ୍କ କପାଳରେ ଚନ୍ଦନ କିମ୍ବା ଶୁଭ୍ରରଙ୍ଗର ରାମାନନ୍ଦୀ ଚିତା, ଚିତା ମଧ୍ୟରେ ବୀରତ୍ୱଭାବର ପ୍ରତୀକ ସିନ୍ଦୂର ଟିକା। ବାହୁ ତଥା ଛାତିରେ ରାମାନନ୍ଦୀ ଚିତା, ଶିରରେ ଶିରିପା, ବେକରେ ତୁଳସୀ ଓ ରୁଦ୍ରାକ୍ଷ ମାଳା। କାନରେ ତୁଳସୀକାଠି, ଦକ୍ଷିଣ ହସ୍ତରେ ଫାର୍ଶା ବା ଟାଙ୍ଗିଆ। ବାମ ସ୍କନ୍ଧରେ ଝୁଲାମୁଣି, ବାମହସ୍ତରେ ଚିତ୍ରିତ ଦଶାବତାର ହାଣ୍ଡି। ଆବଶ୍ୟକସସ୍ଥଳେ ଦକ୍ଷିଣ ହସ୍ତରେ ପଞ୍ଚମୁଖୀ ଶଙ୍ଖ, ଦକ୍ଷିଣ ଜଙ୍ଘରେ ବନ୍ଧାଯାଇଥିବା କଂସା କିମ୍ବା ପିତ୍ତଳ ଘଣ୍ଟିକୁ ଦେଖିଲେ ଜାନୁଘଣ୍ଟିଆଙ୍କୁ ଚିହ୍ନିବାରେ କୌଣସି ଅସୁବିଧା ନାହିଁ। ଜାନୁଘଣ୍ଟିଆ ଗାଁ ମୁଣ୍ଡରେ ପହଞ୍ଚିଲା ମାତ୍ରେ ପ୍ରଥମେ ଶଙ୍ଖଧ୍ୱନି କରି ନିଜର ପ୍ରବେଶକୁ ସୂଚାଇ ଦିଅନ୍ତି। କେହି କେହି ଝୁଲାମୁଣିକୁ କୌଣସି ଗୃହସ୍ଥଙ୍କ ବାରଣ୍ଡାରେ ରଖିଦେଇ ଗାଁ ଦାଣ୍ଡରେ ଉଚ୍ଚସ୍ୱରରେ ପର୍ଶୁରାମଙ୍କ ବଚନିକାକୁ ଗାୟନ କରିଥାନ୍ତି - ତମ୍ବା ତୁଳସୀ, ଶାଳଗ୍ରାମ, ଯଙ୍କ ହିଁ ବିରାଜେ ତହିଁ ରାମ। କଣ୍ଠେ ତୁଳସୀ ମୁଖେ ରାମ, ଜାନୁଘଣ୍ଟ ପର୍ଶୁରାମ । ମସ୍ୟ, କଚ୍ଛପ, ବରାହ, ନୃସିଂହ, ପର୍ଶୁରାମ ଏହିପରି ଗାୟନ କରି ଜାନୁଘଣ୍ଟିଆ ଦ୍ୱୟ ଫାର୍ଶା ଧରି ରାମ, ପର୍ଶୁରାମ ବେଶରେ ଗ୍ରାମରେ ପ୍ରବେଶ କରନ୍ତି। ପରେ ବିପରୀତମୁଖୀ ହୋଇ ସାହି ପରିକ୍ରମା କରନ୍ତି। ସାହିର ମଧ୍ୟଭାଗରେ ଦୁଇଜଣ ପରସ୍ପର ସମ୍ମୁଖୀନ ହେବା ପରେ ପର୍ଶୁରାମ ଅଟ୍ଟହାସ୍ୟ କରି ଖୁବ୍ ଉଚ୍ଚସ୍ୱରରେ ବଚନିକା କହେ -: ଯମଦଗ୍ନି ସୁତ ମୁହିଁ ନାମ ପର୍ଶୁରାମ। ଏ ତିନି ଭୁବନେ ମୁଁ ଯେ କ୍ଷତ୍ରିୟଙ୍କ ଯମ । ନ ଚିହ୍ନୁ ମୋତେ। ରହ ରହ ଦାଶରଥି ପଳାଉଛୁ କାହିଁ। ଯେଣେଗଲେ ତେଣେ ତୋତେ ମାରିବି ଗୋଡ଼ାଇରେ ଦାଶରଥି । ହୋଇଛୁ କେଡ଼େ ବଳବନ୍ତ। ଜାଣୁନାହୁଁ କି କ୍ଷତ୍ରିୟ ଶଲ୍ୟବାନା ମୋର । ମୋ ବନରେ ବଜାଇ ଯାଉଛୁ ବୀରତ୍ୱର । ନ ଜାଣୁ ମୋତେ, ଶିର ଛେଦିବି ପରଶୁ ଘାତେ। ନ ଜାଣୁ ମୋତେ । ପର୍ଶୁରାମ ରାମଙ୍କ ଉଦ୍ଦେଶ୍ୟରେ କହିଥିଲେ -: ତୋ ପୂର୍ବ ପୁରୁଷ ଥିଲେ -ନହୁଷ ରାଜନ। ମୋତେ ଦେଖି ପଳାଇଲେ , ସେହୁ ଘୋର ବନ- ନଚିହ୍ନୁ ମୋତେ । ଶୀର ଛେଦିବି ଏହି ପର୍ଶୁଘାତେ। ଇତ୍ୟାଦି ଗୀତିକୁ ବଚନିକାରେ ବୋଲିଥାନ୍ତି। ରାମନାମ ପ୍ରଚାର ସହ ବଚନିକାର ସମତାଳରେ ଘଣ୍ଟିର ଠନ୍ ଠନ୍ ଶବ୍ଦ ହୋଇଥାଏ। ବୀରଦର୍ପରେ ଫାର୍ଶାକୁ ଘୂରାଇ ବା ଶୂନ୍ୟକୁ ଫିଙ୍ଗି ଧରିବା ଏବଂ ବଚନିକାର ଶବ୍ଦରେ ବୀରନୃତ୍ୟ କରି ଜାନୁଘଣ୍ଟିକୁ ବଜାଇଥାନ୍ତି। ଗାଁ ଦାଣ୍ଡରେ ଭକ୍ତିଭାବର ପ୍ରତୀକ ସତେଯେମିତି ବୀର ପର୍ଶୁରାମ ଉଭା ହୋଇଛନ୍ତି। ଏମାନଙ୍କ ତୁଣ୍ଡରୁ ରାମନାମ ଶୁଣି ଗୃହିଣୀମାନେ କିମ୍ବା ଗୃହକର୍ତ୍ତା ଜାନୁଘଣ୍ଟିଆଙ୍କ ହାଣ୍ଡିରେ ସ୍ୱତଃଭାବରେ ଦାନ ଦେଇଥାନ୍ତି।

**ମାଟିହାଣ୍ଡିରେ ଦଶ ଅବତାର ଚିତ୍ର:-** ଜାନୁଘଣ୍ଟି ପର୍ଶୁରାମଙ୍କ ଭିକ୍ଷାପାତ୍ର ଏକ ଚିତ୍ରିତ ହାଣ୍ଡି। ମାଟିହାଣ୍ଡି ଉପରେ ପଟ୍ଟଚିତ୍ର ଶୈଳୀରେ ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ, ବାମନ, ପର୍ଶୁରାମ, କୃଷ୍ଣ, କଳ୍କୀ ରୂପ ଆଦି ଦଶାବତାର ଚିତ୍ରକୁ ଚିତ୍ରିତ କରାଯାଇଥାଏ। ବୈଷ୍ଣବ ଧର୍ମର ପ୍ରଚାର ପ୍ରସାର କରାଯିବା ଏହି ଭକ୍ତିବାଦର ମୂଳ ଉଦ୍ଦେଶ୍ୟ। ପୋଡ଼ା ମାଟିର ହାଣ୍ଡି ଉପରେ ତେନ୍ତୁଳି ମଞ୍ଜିର ଅଠାରେ କନା ପରସ୍ତ କରି ପକାଇଥାନ୍ତି। ପରେ ହାଣ୍ଡି ଉପରେ ଖଡ଼ିଗୁଣ୍ଡର ପ୍ରଲେପ ଦେଇ ଶୁଖାଗଲା ପରେ ଗିରିଡ଼ି ପଥରରେ ହାଣ୍ଡିକୁ ଘଷି ଘଷି ଚିକ୍କଣ କରାଯାଇଥାଏ। ପରେ ପଟ୍ଟଚିତ୍ର କରାଯାଇଥାଏ। କଳାରଙ୍ଗରେ ରେଖାଚିତ୍ର ମଧ୍ୟ କରାଯାଇଥାଏ। କୃଷ୍ଣନୀଳ, ଦୀପକଳା, ପିତୁଳା, ହରିତାଳ, ଶଙ୍ଖଧୋବକୁ କଇଥ ଅଠାରେ ମିଶାଇ ଚିତ୍ରକରମାନେ ରଙ୍ଗ ବା ବନକ କରିଥାନ୍ତି। ରଙ୍ଗ ଶୁଖିଗଲା ପରେ ଜଉଶାଳ କରାଯାଏ। ଚିତ୍ରିତ ଦଶାବତାର, ପର୍ଶୁରାମ ଅବତାର ଚିତ୍ରରେ ତରଳ ପ୍ରଲେପ ବୋଳାଯାଇଥାଏ। ଶିବଙ୍କ ଠାରୁ ଫାର୍ଶା ଓ ଘଣ୍ଟି, ଅନ୍ନପୂର୍ଣ୍ଣାଙ୍କଠାରୁ ହାଣ୍ଡି, ବିଷ୍ଣୁଙ୍କଠାରୁ ମାଳି, ଶ୍ରୀରାମଙ୍କଠାରୁ ତିଳକ, ନାରଦଙ୍କଠାରୁ ଝୁଲା ମିଳିଥିବା ପୌରାଣିକ ଲୋକକଥା ରହିଛି।


**ଜାନୁଘଣ୍ଟିଆଙ୍କ ବସତି-:** ବିଶେଷକରି ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଚିକିଟି, ଦିଗପହଣ୍ଡି, କବିସୂର୍ଯ୍ୟନଗର, ଆସ୍କା, ଭଞ୍ଜନଗର, ଧରାକୋଟ, ସିଙ୍ଗପୁର, ନୂଆପଡ଼ା, ଅଲାଇଗଡ଼, ବାକିଲିକଡ଼ା, ମୁଣ୍ଡରଇ, ତନରଡ଼ା, ବେଲଗୁଣ୍ଠା, ଜଗନ୍ନାଥ ପ୍ରସାଦ, କୁମାରପାଣି, ଚିକିଲି, ସୋମନାଥପଲ୍ଲୀ, ଚଷାଖଣ୍ଡି, ଭ୍ରମରପୁର, ତୁରୁବୁଡ଼ି, ନେଟେଙ୍ଗା, କରାତଳି, ରମ୍ଭା, ଶରଧାପୁର, ପାରଳାଖେମୁଣ୍ଡି ପ୍ରଭୃତି ଅଞ୍ଚଳରେ ଜାନୁଘଣ୍ଟିଆ ପରିବାର ବସବାସ କରୁଥିବା ଦେଖିବାକୁ ମିଳେ ଓ ପୋଲସରା, ଖଲ୍ଲିକୋଟ ଅଞ୍ଚଳରେ ଜାନୁଘଣ୍ଟିଆମାନଙ୍କୁ ଜନକଧାରୀ ବୋଲି କୁହନ୍ତି । ଏହା ବ୍ୟତୀତ ବଡ଼ମ୍ବା ନରସିଂହପୁର, ନୟାଗଡ଼ ଓ ଖଣ୍ଡପଡ଼ାରେ ଏମାନଙ୍କୁ ମଧ ଦେଖିବାକୁ ମିଳେ। ଗଞ୍ଜାମ ଜିଲା ଭଞ୍ଜନଗର ପୁରୁଣାସାହିର ରଙ୍କନିଧି ସାହୁ କୁହନ୍ତି, ବିଭିନ୍ନ ପର୍ବପର୍ବାଣି ସମୟରେ ପର୍ଶୁରାମ, ନାଗାର୍ଜୁନ ଆଦି ଚରିତ୍ରର ବେଶ ଧାରଣକରି ଆମ ଗାଁର କଳାକାରମାନେ ନାଟକୀୟ ଭଙ୍ଗୀରେ ରାସ୍ତାରେ ସମରକଳା ପ୍ରଦର୍ଶନ କରିଥାନ୍ତି। ଏହି ଜାନୁଘଣ୍ଟିଆ ଲୋକକଳା ଆମ ସଂସ୍କୃତିକୁ ସମୃଦ୍ଧ କରିପାରିଛି। ଜାନୁଘଣ୍ଟିଆ ନୃତ୍ୟ ଓଡ଼ିଶାର ଏକ ପରମ୍ପରା। ମାତ୍ର ସମୟକ୍ରମେ ପ୍ରୋତ୍ସାହନ ଓ ପ୍ରଚାର ପ୍ରସାର ଅଭାବରୁ ଅନେକ ଲୋକକଳା ଆଉ ଦେଖିବାକୁ ମିଳୁନାହିଁ। ମାତ୍ର କେତେକ ଲୋକକଳା ଆଜି ବିଲୁପ୍ତପ୍ରାୟ।

**-ବନବିହାରୀ ବେହେରା**
**ତଥ୍ୟ ସହାୟତା-: ଅଶେଷନାଥ ମିଶ୍ର,**
**ଫଟୋ-ବାବୁଲା ପ୍ରଧାନ, ଅଜୟ ମହାରଣା**









# ବଞ୍ଜାରା ଜୁଏଲେରି





ଜୁଏଲେରି ପିନ୍ଧିବାର ସଉକ ପ୍ରାୟ ସବୁ ମହିଳାଙ୍କର ଥାଏ। ଖାସ୍ ସେଥିପାଇଁ ଜୁଏଲେରିକୁ ନେଇ ବହୁ ଏକ୍ସପେରିମେଣ୍ଟ କରାଯାଇ ମାର୍କେଟ୍‌କୁ ଏହାର ଅନେକ ଲାଟେଷ୍ଟ ଟ୍ରେଣ୍ଡ ଆସିଥାଏ। କେବେ ଗୋଲ୍ଡ, କେବେ ସିଲ୍‌ଭର୍ ଆଉ କେବେ ପର୍ଲ ଜୁଏଲେରିର ଡିମାଣ୍ଡ ରହିଥାଏ ତ କେବେ ଆଣ୍ଟିକ୍ ଜୁଏଲେରିର ଖୁବ୍ କ୍ରେଜ୍ ବଢ଼ିଯାଏ। ତେବେ ବର୍ତ୍ତମାନର ଫ୍ୟାଶନ ଟ୍ରେଣ୍ଡରେ ବଞ୍ଜାରା ଜୁଏଲେରିର ଚାହିଦା ବେଶ୍ ରହିଥିବା ଦେଖିବାକୁ ମିଳୁଛି। ତେବେ କ'ଣ ଏହି ବଞ୍ଜାରା ଜୁଏଲେରି ଆଉ ଏହାର କି କି ଲାଟେଷ୍ଟ ଡିଜାଇନ୍ ରହିଛି ଆସନ୍ତୁ ଜାଣିବା ସେ ସମ୍ପର୍କରେ...







ସାଧାରଣତଃ ବଞ୍ଜାରାମାନେ ହେଉଛନ୍ତି ଯାଯାବର ସଂପ୍ରଦାୟର। ସେମାନେ ନିଜସ୍ୱ ଶୈଳୀରେ ଜୁଏଲେରି ତିଆରି କରି ପିନ୍ଧିବାକୁ ପସନ୍ଦ କରିଥାନ୍ତି। ଖାସ୍ କରି ଷ୍ଟୋନ, କଏନ୍, ବିଡ୍ସ, ମିରର୍, ଉଡ୍, କଉଡି ତଥା ପଶୁପକ୍ଷୀଙ୍କ ହାଡ଼କୁ ସଂଗ୍ରହ କରି ତାକୁ ପଲିଶ୍ କରି ସେମାନେ ଆକର୍ଷଣୀୟ ରୂପ ଦେଇଥାନ୍ତି। ପରେ ସେହି ସବୁ ଜିନିଷକୁ ବ୍ୟବହାର କରି ଅତି ସୁନ୍ଦର ସୁନ୍ଦର ଜୁଏଲେରି ଗଢ଼ି ସେମାନେ ତାକୁ ବ୍ୟବହାର କରିଥାନ୍ତି। ସେଥିପାଇଁ ସେମାନଙ୍କ ଜୁଏଲେରିକୁ ଫ୍ୟାଶନ ଦୁନିଆରେ ବଞ୍ଜାରା ଜୁଏଲେରି ବୋଲି କୁହାଯାଇଥାଏ। ତେବେ ବଞ୍ଜାରା ଜୁଏଲେରି କେବଳ ଯାଯାବର ସଂପ୍ରଦାୟର ଲୋକ ହିଁ ବ୍ୟବହାର କରନ୍ତି ତାହା ନୁହେଁ, ଆଜିକାଲି ଏହାକୁ ଫ୍ୟାଶନ ଟ୍ରେଣ୍ଡ ଭାବେ ସେଲିବ୍ରିଟିଙ୍କଠାରୁ ଆରମ୍ଭ କରି ସାଧାରଣ ଯୁବତୀମାନେ ବି ପିନ୍ଧୁଥିବା ଦେଖିବାକୁ ମିଳୁଛି।

**ବିଭିନ୍ନ ଡିଜାଇନ୍‌ର ବଞ୍ଜାରା ଜୁଏଲେରି**

**କଉଡ଼ିରେ ତିଆରି ଜୁଏଲେରି:** କଉଡ଼ିରେ ତିଆରି ଜୁଏଲେରି ହେଉଛି ବଞ୍ଜାରା ଜୁଏଲେରିର ସବୁଠାରୁ ଟ୍ରେଣ୍ଡି ଜୁଏଲେରି। ଖାସ୍ କରି କଉଡ଼ିରେ ତିଆରି ନେକ୍‌ଲେସ୍, ଇୟର ରିଂ ଆଉ ଆଙ୍କଲେଟ୍ ବା ପାଉଁଜି ଉଭୟ ଏଥନିକ୍ ତଥା ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ ଭଲ ମାନିଥାଏ।

**ମିରର୍ ଜୁଏଲେରି:** ମିରର୍ ଜୁଏଲେରି ବି ବଞ୍ଜାରା ଜୁଏଲେରିର ଗୋଟେ ଅଂଶ କହିଲେ ଚଳେ। ମିରର୍ ଜୁଏଲେରି ଦେଖିବାକୁ ଯେମିତି ସୁନ୍ଦର ଲାଗେ, ଏହାକୁ ପିନ୍ଧିଥିବା ନାରୀଙ୍କୁ ବି ଠିକ୍ ସେମିତି ଆକର୍ଷଣୀୟ ଲୁକ୍ ଦେଇଥାଏ। ଖାସ୍ କରି ଏହାକୁ ଶାଢ଼ି, କୁର୍ତ୍ତୀ, ଲେହେଙ୍ଗା ପରି ପାରମ୍ପରିକ ପୋଷାକ ସହ ପିନ୍ଧିଲେ ଲୁକ୍ ଆଟ୍ରାକ୍ଟିଭ୍ ଲାଗିଥାଏ।

**କଏନ୍ ଡିଜାଇନ୍ ଜୁଏଲେରି:** ଏହି ଜୁଏଲେରି ଟିକେ ୟୁନିକ୍ ଡିଜାଇନ୍‌ର ହୋଇଥାଏ। ସାଧାରଣତଃ କଏନ୍ ନେକ୍‌ଲେସ୍‌ରେ ଏମିତି କିଛି ଛୋଟ ଛୋଟ କଏନ୍‌ର ବ୍ୟବହାର କରାଯାଇଥାଏ, ଯେଉଁଥିରେ କିଛି ନା କିଛି ଲେଖା ହୋଇଥାଏ। ତା'ଛଡ଼ା ଏହାକୁ ଭିନ୍ନ ଭିନ୍ନ ଡିଜାଇନ୍‌ରେ ବି ତିଆରି କରାଯାଇଥାଏ। କେଉଁଥିରେ କଏନ୍ ନେକ୍‌ଲେସ୍‌କୁ ସୂତା ସାହାଯ୍ୟରେ ଗୁନ୍ଥା ଯାଇଥାଏ ତ ଆଉ କେଉଁଥିରେ କଏନ୍ ନେକ୍‌ଲେସ୍‌ରେ ଘୁଙ୍ଗୁରକୁ ଯୋଡି ଦିଆଯାଇଥାଏ। ତେବେ ଏହି ଷ୍ଟାଇଲ୍‌ର ନେକ୍‌ଲେସ୍‌କୁ ସୂତା ଶାଢ଼ି କିମ୍ବା ପ୍ରିଣ୍ଟେଡ୍ କୁର୍ତ୍ତୀ ସହିତ ମଥାରେ ବଡ଼ ବିନ୍ଦି ଆଉ ଓଠରେ ଡାର୍କ କଲର୍‌ର ଲିପ୍‌ଷ୍ଟିକ୍ ଲଗାଇ ପିନ୍ଧିଲେ ଆକର୍ଷଣୀୟ ଲୁକ୍ ମିଳିଥାଏ।

**ସିଲ୍‌ଭର୍ ବଞ୍ଜାରା ଜୁଏଲେରି:** ସିଲ୍‌ଭର୍ ବଞ୍ଜାରା ଜୁଏଲେରି ଦେଖିବାକୁ ଯେମିତି ସୁନ୍ଦର ହୋଇଥାଏ ଏହାର ଡିଜାଇନ୍ ବି ଟିକେ ଭିନ୍ନ ଧରଣର ହୋଇଥାଏ। ଖାସ୍ କରି ଏହି ଧରଣର ଜୁଏଲେରି ଉପରେ ପଶୁପକ୍ଷୀ, ଫୁଲ ତଥା କଏନ୍ ଇତ୍ୟାଦିର ଡିଜାଇନ୍ ହୋଇଥିବାରୁ ଏହା ଟିକେ ନିଆରା ଲୁକ୍ ଦେଇଥାଏ। ତା'ଛଡ଼ା ଏହାକୁ ଯେ କୌଣସି ଆଉଟ୍‌ଫିଟ୍ ସହ ମ୍ୟାଚିଂ କରି ପିନ୍ଧିହୁଏ। ଖାସ୍ କରି କଳା କିମ୍ବା ଧଳା ରଙ୍ଗର ଆଉଟ୍‌ଫିଟ୍ ସହ ଏହା ଅଧିକ ଆଟ୍ରାକ୍ଟିଭ୍ ଲାଗିଥାଏ।








# ସ୍ୱଦେଶ ଦୀପକ

ଭାରତୀୟ ନାଟ୍ୟ ସାହିତ୍ୟରେ ସ୍ୱଦେଶ ଦୀପକ ନାମଟି ଏକ ଅତି ପରିଚିତ ନାମ । ବିଶେଷକରି ନାଟକ କଥା ଉଠିଲେ ତାଙ୍କ ରଚିତ ନାଟକ 'କୋର୍ଟ ମାର୍ସଲ'ଟି ଆଖି ଆଗକୁ ଚାଲିଆସେ । ଏହାକୁ ଆଧୁନିକ ଭାରତର ନାଟ୍ୟସାହିତ୍ୟରେ ଏକ ମାଇଲଖୁଣ୍ଟ ବୋଲି କୁହାଯାଇଥାଏ । ତେବେ କେବଳ ନାଟକ ନୁହେଁ ; ଉପନ୍ୟାସ ତଥା କ୍ଷୁଦ୍ରଗଳ୍ପ ଲେଖନ କ୍ଷେତ୍ରରେ ମଧ୍ୟ ତାଙ୍କର ଯଥେଷ୍ଟ ପାରଦର୍ଶିତା ରହିଛି । ସେ ମୁଖ୍ୟତଃ ହିନ୍ଦୀ ଭାଷାକୁ ତାଙ୍କ ଲେଖିବାର ମାଧ୍ୟମ ଭାବରେ ଗ୍ରହଣ କରିଛନ୍ତି । ଏହା ସତ୍ତ୍ୱେ ସେ ଇଂଲିଶ ଭାଷାରେ ମଧ୍ୟ ବେଶ୍ ପାରଦର୍ଶୀ । ଷାଠିଏ ଦଶକର ମଧ୍ୟଭାଗରେ ସ୍ୱଦେଶ ଦୀପକଙ୍କର ହିନ୍ଦୀ ସାହିତ୍ୟକୁ ପ୍ରବେଶ ଘଟେ । ତା'ପରେ ସ୍ୱଦେଶ ଦୀପକ ଖୁବ୍ ଅଳ୍ପଦିନ ମଧ୍ୟରେ ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିନିଅନ୍ତି । ସ୍ୱଦେଶ ଦୀପକଙ୍କର ସ୍ମୃତିଲେଖର ନାମ ହେଉଛି 'ମୈନେ ମାଣ୍ଡୁ ନେହିଁ ଦେଖା' । ଏହା ମଧ୍ୟ ପାଠକଙ୍କ ଦ୍ୱାରା ବେଶ୍ ଆଦୃତି ଲାଭ କରିପାରିଛି । ଭାରତରୁ ପ୍ରକାଶିତ ସମସ୍ତ ପତ୍ରପତ୍ରିକାରେ ସ୍ୱଦେଶ ଦୀପକଙ୍କ ରଚନାବଳୀ ପ୍ରକାଶ ପାଇଥାଏ । ଅଦ୍ୟାବଧି ତାଙ୍କର ୧୫ଖଣ୍ଡ ପୁସ୍ତକ ପ୍ରକାଶିତ ହୋଇସାରିଛି । ତାଙ୍କର ସବୁଠାରୁ ସଫଳ ସୃଷ୍ଟି 'କୋର୍ଟ ମାର୍ସଲ' ନାଟକଟି ୧୯୯୧ ମସିହାରେ ପ୍ରକାଶିତ ହୋଇଥିଲା । ପରେପରେ ଏହା ବହୁସ୍ଥାନରେ ମଞ୍ଚସ୍ଥ ହୋଇ ତାଙ୍କୁ ରାତାରାତ ସଫଳତା ଆଣିଦେଇଥିଲା । ତାଙ୍କର ନାଟକ ସବୁ ଭିନ୍ନଭିନ୍ନ ସ୍ଥାନରେ ମଞ୍ଚସ୍ଥ ହେବା ସହିତ ଧାରାବାହିକ ଭାବରେ ଦୂରଦର୍ଶନ କାର୍ଯ୍ୟକ୍ରମରେ ମଧ୍ୟ ପ୍ରସାରିତ ହୋଇ ଲୋକପ୍ରିୟତା ସାଉଣ୍ଟିଛି । ଉଭୟ ହିନ୍ଦୀ ଏବଂ ଇଂଲିଶରେ ମାଷ୍ଟର ଡିଗ୍ରୀ ହାସଲ କରିବା ସହିତ ସେ ଥିଲେ ଇଂଲିଶ ସାହିତ୍ୟର ଅଧ୍ୟାପକ ।

**ପିଲାବେଳ :** ସ୍ୱଦେଶ ଦୀପକଙ୍କ ବାପା ଥିଲେ ଉର୍ଦ୍ଦୁ ତଥା ପର୍ସିଆନ୍ ଶିକ୍ଷକ । ଭାରତ ବିଭାଜନ ତାଙ୍କ ଉପରେ ତଥା ତାଙ୍କ ପରିବାର ଉପରେ ଗଭୀର ପ୍ରଭାବ ପକାଇଥିଲା । ସେ ଖୁବ୍ ନିକଟରୁ ବିଭାଜନର ବିଭୀଷିକାକୁ ପ୍ରତ୍ୟକ୍ଷ କରିଥିଲେ । ସେତେବେଳେ ଖୁନ୍ ସହିତ ରାହାଜାନି ମଧ୍ୟ ବହୁଳ ଭାବରେ ଚାଲିଥିଲା । ସେଥିଲାଗି ତାଙ୍କ ବାପା ସବୁବେଳେ ତାଙ୍କ ସହିତ ଗୋଟିଏ ବନ୍ଧୁକ ରଖି ବୁଲୁଥିଲେ । ଏମିତିକି ସ୍କୁଲକୁ ପଢ଼େଇବା ଲାଗି ଯାଉଥିବା ବେଳେ ମଧ୍ୟ ବନ୍ଧୁକଟି ତାଙ୍କ ସହିତ ରହୁଥିଲା । କେବଳ ତାଙ୍କ ବାପା ନୁହନ୍ତି, ଅନେକ ଲୋକ ସେହି ପନ୍ଥା ଅବଲମ୍ବନ କରୁଥିଲେ । ପିଲାବେଳର ଏହି ଘଟଣା ତାଙ୍କର ଲେଖାକୁ ମଧ୍ୟ ପ୍ରଭାବିତ କରିଥିଲା । ତାଙ୍କୁ ଯେତେବେଳେ ମାତ୍ର ୧୪ବର୍ଷ ବୟସ ହୋଇଥିଲା ସେତେବେଳେ ସେ ତାଙ୍କର ପ୍ରଥମ ଗଳ୍ପ ରଚନା କରିଥିଲେ ।

**ଭରଦ୍ୱାଜରୁ ଦୀପକ :** ପ୍ରାଥମିକ ପର୍ଯ୍ୟାୟରେ ସେ ଯେତେବେଳେ ଗଳ୍ପ ଲେଖୁଥିଲେ ତାହାକୁ ନେଇ ତାଙ୍କ ଭିତରେ ଅନେକ ପ୍ରକାରର ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଗପଗୁଡ଼ିକ ଗୃହୀତ ହେବ କି ନାହିଁ, ପାଠକଙ୍କୁ ଛୁଇଁବକି ନାହିଁ ଆଦି ପ୍ରଶ୍ନରୁ ମୁକୁଳିବା ପାଇଁ ନିଜର ନାମକୁ ସ୍ୱରାଜ ଭରଦ୍ୱାଜ ବୋଲି ଉଲ୍ଲେଖ କରୁଥିଲେ । ସେତେବେଳେ ଜଳନ୍ଧରରୁ ପ୍ରକାଶିତ ମାଗାଜିନ ସବୁରେ ତାଙ୍କର ଗପ ସବୁ ପ୍ରକାଶିତ ହେଉଥିଲା । ତେବେ ପ୍ରଥମଥର କରି ସୁଖ୍ୟାତ ମାଗାଜିନ 'ମନୋହର କହାନିଆଁ'ରେ ଗପ ପ୍ରକାଶିତ ହେବା ପରେ ସେ ଲୋକଲୋଚନକୁ ଆସିଲେ ଏବଂ ସାହିତ୍ୟ ସମୀକ୍ଷକଙ୍କର ଦୃଷ୍ଟିଆକର୍ଷଣ କଲେ । ଏହା ହେଉଛି ୧୯୫୭ ମସିହାର କଥା । ଗପଟିର ଶୀର୍ଷକ ଥିଲା 'ଲାଲ ଫିତେ କା ଟୁକୁଡ଼ା' । ଏହାପରେ ସେ ତାଙ୍କର ନାମକୁ ବଦଳେଇଦେଲେ । ସ୍ୱଦେଶ ଭରଦ୍ୱାଜ ପରିବର୍ତ୍ତେ ରଖିଲେ ସ୍ୱଦେଶ ଦୀପକ । ଏହାପରେ ତାଙ୍କର ଗପ ଆସିଲା 'ଜ୍ଞାନୋଦୟ'ରେ । ଏହା ତାଙ୍କୁ ଜଣେ ଗାଳ୍ପିକର ମାନ୍ୟତା ଦେଇଥିଲା । ଗପଟିର ଶୀର୍ଷକ ଥିଲା 'ସାଣ୍ଟା ସିଂହ କା ବେଟା ବାଣ୍ଟା ସିଂହ' । ବାପପୁଅଙ୍କ ମଧ୍ୟରେ ଏକ ମରଣାନ୍ତକ ପ୍ରତିଯୋଗିତାକୁ ନେଇ ରଚିତ ହୋଇଥିଲା ଏ ଗପ । ଉଭୟ ବାପ ଓ ପୁଅ ଟ୍ରକ୍ ଡ୍ରାଇଭର । କିଏ ଆଗ ଗାଡ଼ିନେଇ ନିକଟସ୍ଥ ବଜାରରେ ପହଞ୍ଚିବ ଓ ପୁରସ୍କାର ପାଇବ । ପରିସ୍ଥିତି ଏମିତି ହୋଇଛି ଯେ, ପୁରସ୍କାରର ମୂଲ୍ୟ ନିକଟରେ ବାପର ଜୀବନ ତୁଚ୍ଛ ହୋଇଯାଇଛି । ପୁଅଟି ବାପର ଗାଡ଼ିକୁ ଧକ୍କା ଦେଇ ତଳକୁ ଖସେଇ ପକେଇଛି । 'ଜ୍ଞାନୋଦୟ'ରେ ଏ ଗପ ପ୍ରକାଶିତ ହେବା ପରେ ନିର୍ମଳ ବର୍ମା, ରାଜେନ୍ଦ୍ର ଯାଦବ, ମନୁ ଭଣ୍ଡାରିଙ୍କ ପରି ପ୍ରଥିତଯଶା ସାହିତ୍ୟିକମାନେ ତାଙ୍କୁ ସାବାସୀ ଦେଇଥିଲେ ।

**କୋର୍ଟ ମାର୍ସଲ :** 'କୋର୍ଟ ମାର୍ସଲ'କୁ ସ୍ୱଦେଶ ଦୀପକଙ୍କ ସର୍ବଶ୍ରେଷ୍ଠ ନାଟକ ବୋଲି କୁହାଯାଇଥାଏ । ସେତିକିନୁହେଁ, ଏହି ନାଟକକୁ ଏକ ବଳିଷ୍ଠ ଭାରତୀୟ ନାଟକର ମଧ୍ୟ ମାନ୍ୟତା ପ୍ରଦାନ କରାଯାଇଥାଏ । ତଥ୍ୟ ଅନୁଯାୟୀ, ଅଦ୍ୟାବଧି ଅତିକମ୍‌ରେ ୪ହଜାର ଥର ଏହି ନାଟକଟିକୁ ମଞ୍ଚସ୍ଥ କରାଯାଇ ସାରିଛି । ରଣଜିତ କପୁର, ଶିଳ୍ପୀ ମାରୱା, ଅରବିନ୍ଦ ଗୌର, ଉଷା ଗାଙ୍ଗୁଲି, ଅଭିଜିତ ଚୌଧୁରୀଙ୍କ ଭଳି ନିର୍ଦ୍ଦେଶକମାନେ ଏହାକୁ ମଞ୍ଚସ୍ଥ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ସେତିକିନୁହେଁ ଏହା ମଧ୍ୟ ବହୁ ଭାରତୀୟ ଭାଷାରେ ଅନୁଦିତ ହୋଇ ଲୋକପ୍ରିୟତା ଅର୍ଜନ କରିଛି ।

















# ପ୍ରେମ ମାୟା

**ଜଗମୋହନ ମହାରଣା**

ରୋନି ସହିତ ମୋର ଅଳ୍ପଦିନର ପ୍ରେମ କାହାଣୀଟି ସ୍ୱପ୍ନାଜିତାକୁ ମୁଁ କହିଥିଲି। ରୋନି କିଏ ? ତା'ର ମୋ ସହିତ କେମିତି ପରିଚୟ ହେଲା ? କେମିତି ପ୍ରେମ ହେଲା ? ଆଉ ଏବେ, କେମିତି ମୁଁ ଏକା ଏକା ବଞ୍ଚୁଛି, ସେ ସବୁ କଥା ସ୍ୱପ୍ନାଜିତା ଶୁଣିଛି ମୋଠାରୁ।

ମୋ କଥା ଶୁଣିଲାବେଳେ ସ୍ୱପ୍ନା କହେ, ଭାଇ ସେ ଯଦି ଭାଗ୍ୟବତୀ ହୋଇଥାଆନ୍ତେ ତୁମ ନିର୍ମାୟା ଛଳ ଛଳ ଭଲପାଇବାକୁ ସେ ନିଶ୍ଚୟ ବୁଝି ପାରିଥାଆନ୍ତେ। ବୋଧେ ତୁମଭଳି ଜଣେ ପୁରୁଷ ଉତ୍ତମକୁ ପାଇବାର ଭାଗ୍ୟ ତାଙ୍କର ନାହିଁ। ସତରେ ଭାଇ, ସେ ତୁମକୁ ଯଥେଷ୍ଟ କଷ୍ଟ ଦେଇ ସାରିଲା ପରେ ବି ତମେ ତାଙ୍କର ମଙ୍ଗଳ କାମନା କରୁଛ, ଏ କଥା ଭାବିଲା ବେଳକୁ ମତେ ଆଶ୍ଚର୍ଯ୍ୟ ଲାଗୁଛି। ଆଉ କିଏ ହେଇଥିଲେ ତ, ତାଙ୍କ ଚଉଦ ପୁରୁଷ ଉଦ୍ଧାର କରି ଦେଇସାରନ୍ତାଣି। ପଛ କଥା ଭୁଲି ଯାଅ। ଅତୀତକୁ ସ୍ମୃତି କରି ସଜେଇ ରଖ, ଦେଖିବ ସୁଖରେ ରହିବ। ଏବେ ଆଉ ତୁମେ ତାଙ୍କ କଥା ଭାବନି।

ସ୍ୱପ୍ନା ମୋଠାରୁ ଢେର୍ ସାନ ହେଲେ ବି ମୋ ବଡ ଭଉଣୀ ପରି ଏମିତି ପରାମର୍ଶ ଦେଉଥିଲା। ତା'ର ମୋର ସବୁଦିନ ଫୋନ୍‌ରେ କଥା ହେଲାବେଳେ କେବଳ ରୋନି କଥା ହିଁ ପଡୁଥିଲା। ଆଉ ସ୍ୱପ୍ନା କହୁଥିଲା, ଭାଇ ତୁମେ ସତରେ ପାଗଳ ହେଇଗଲଣି।

ଦୀର୍ଘ ୫ ବର୍ଷ ଖବରକାଗଜରେ କାମ କଲାପରେ ଯେତେବେଳେ ହଠାତ୍ ଚାକିରି ଛାଡି ଟିଭିକୁ ଆସିଲି ସେତେବେଳେ ମୋର ରୋନି ସହ ଦେଖାହୋଇଥିଲା। ଯୋଉ ଡିପାର୍ଟମେଣ୍ଟରେ ଜଏନ୍ କଲି, ସେ ଡିପାର୍ଟମେଣ୍ଟର ସବୁ ଝିଅ ମୋ ସହ ଆରମ୍ଭରୁ ହିଁ ମିଶି ଯାଇଥିଲେ। ସମସ୍ତେ କଥା ବି ହେଇଥିଲେ। କିନ୍ତୁ ଅଫିସରେ ମାସେ ପୂରିଯିବା ପରେ ବି ଯିଏ ମୋ ସହ ଉଁ କି ଚୁଁ କରି ନ ଥିଲା ସେଇ ଝିଅଟି ହେଉଛି ରୋନି। କେବଳ ପ୍ରଥମ ଦିନ ମୃତ୍ୟୁଞ୍ଜୟ ଭାଇ ଯେତେବେଳେ ସମସ୍ତଙ୍କୁ ମୋ ସହ ପରିଚୟ କରେଇଥିଲେ ସେଦିନ ରୋନି ମୋ ଆଡେ ଚାହିଁ ସାମାନ୍ୟ ଟିକେ ହସି ଦେଇଥିଲା। ବାସ୍, ସେତିକି ହିଁ ଥିଲା ଆମ ଦି'ଜଣଙ୍କର କମ୍ୟୁନିକେଶନ। ନା ତା'ର ମୋର କେବେ ଅଫିସିଆଲ୍ କାମ ପଡିଛି ନା କେବେ ସେ ମତେ କିଛି ପଚାରିଚି ନା ମୁଁ ତାକୁ କିଛି କହିଛି।

ହେଲେ ହଠାତ୍ ମୋ ପାଖକୁ ଢେର ଦିନ ପରେ ଯୋଉ ଝିଅର ଫ୍ରେଣ୍ଡ ରିକ୍ୱେଷ୍ଟ ଆସିଥିଲା ସେ ହିଁ ଥିଲା ରୋନି । ମୁଁ ୪ ଦିନ ପରେ ଆସେପ୍ଟ କଲାରୁ ତା'ର ପ୍ରଥମ ମେସେଜ୍ ଥିଲା, ଏତେ ଦିନ ଯାଏଁ କ'ଣ ଭାବୁଥିଲ ? ଫେସବୁକ୍‌ରେ ରିକ୍ୱେଷ୍ଟ ଆସେପ୍ଟ କରିବାକୁ ତୁମକୁ ଏତେ ଭାବିବାକୁ ପଡୁଛି ? ଯଦିଓ ମୁଁ ବିଶେଷ କିଛି କହି ନ ଥିଲି ସେ ବି ମତେ ଆଉ କିଛି ପଚାରି ନ ଥିଲା।

ଏ କଥାବାର୍ତ୍ତାର କିଛି ଦିନ ପରେ ମୁଁ କଟକ ଯାଇଥିଲି। ଆଉ ରୋନିକୁ ଫୋନ୍ କରିଥିଲି। ସେ କହିଲା, ମୋ ନମ୍ବର କୋଉଠୁ ପାଇଲ ?

:ଅଫିସ୍ ଗ୍ରୁପ୍‌ରୁ

: ଆଚ୍ଛା, କାହିଁକି ଫୋନ୍ କରିଛ ?

:ମୁଁ ତୁମ କଟକ ଆସିଛି ଗୋଟେ କାମରେ। ରାସ୍ତା ପାଉନି ଗୁଗଲ୍ ମ୍ୟାପରେ ସବୁ ଯାଡୁ ସ୍ୟାଡୁ ଶୋ କରୁଚି।

ଏତିକି କଥାରେ ସେ ମନ ଖୋଲା ବହୁ ହସିଲା। ଆଉ କହିଲା, ବୁଝିଲ ବୁନ୍ଧୁ, ଆମ କଟକରେ ତୁମ ଗୁଗୁଲ୍ ମ୍ୟାପ କାମ କରିବନି। ମତେ କୁହ ମୁଁ କହିଦେବି।

ତା' ପରେ ମୁଁ ସେଦିନ ଯର୍ ଫୋନ୍ ଲଗେଇ ତା' କହିବା ଅନୁସାରେ କଟକ ବୁଲିଥିଲି। ଆଉ ସବୁ କାମ ଠିକ୍ ଠିକ୍ କରିଥିଲି। ସେଇ ଦିନ ତା' ପରେ ସେ ମତେ ତା' ଆହୁ ଆଉ ୩/୪ଥର ଫୋନ୍ କରିଛି। ଆଉ କହିଛି, ଏଇଟା ମୋ ଜିଓ ନମ୍ବର ସେଭ୍ କରି ଦିଅ। ତା'ପରେ ମୁଁ କାଳେ ତାକୁ ବହୁ ଭଲ ଲାଗିଛି। ମୋ କଥା ବାର୍ତ୍ତା, ଆଚାର ବ୍ୟବହାର, ମୋ କାମ କରିବାର ପ୍ରବଣତା, ମୋ ସ୍ୱପ୍ନମୟ ଜୀବନ, ବେଫିକର, ଲାପରବାୟ ହୋଇ ବଞ୍ଚିବାର ନିଶା ତାକୁ ମୋହଗ୍ରସ୍ତ କରିଛି। ସେ ମତେ ତା' ଦୁଃଖ କହିଚି, ସୁଖ କହିଚି, ତା'ମନ କଥା କହିଛି। ମୋ ଛାତିରେ ମୁଣ୍ଡ ରଖି କଇଁ କଇଁ ହୋଇ କାନ୍ଦିଛି। ଲୁହନିଗାଡିଛି। ତାକୁ ଧୋକା ଦେଇ ଚାଲିଯାଇଥିବା ପୁଅଟିର କଥା ବି କହିଛି। ସେ ପିଲାକୁ ଯା–ଛା–ତା ଗାଳି କରିଛି। ତାକୁ ବାଷ୍ଟାର୍ଡ ବି କହିଛି।

ପୁଣି କହିଚି, ତୁମ ପରି ପୁଅଟିଏ ବୋଧେ କୋଟି ଜନ୍ମର ପୁଣ୍ୟ ପରେ କାହାକୁ ମିଳିବ। ମୋ ପାଖରେ ସେତିକି ଯୋଗ୍ୟତା ନାହିଁରେ ଧନ। ମୋ ସୁନାଟା, ମୋ ଧନଟା, ମୋ ପାଗଳଟା କହି ତା' ଉଷୁମ୍ ଛାତିରେ ମତେ ଜାବୁଡି ଧରିଛି। ମତେ ଡର ଲାଗୁଚିରେ, ଆଗକୁ କ'ଣ ହେବ କିଛି ଭାବି ପାରୁନିରେ। ମୋ ବାଇଆ ସୁନା ବୋଲି କହିଛି।

ମୁଁ ଏକା ରହୁଥିବା ମୋ ଭଡ଼ା ଘରକୁ ଆସିଛି। ମୋ ଅସଜଡା ଘରକୁ ସଜେଇ ଦେଇଛି। ବାସନ ମାଜି ଦେଇଛି। ଆଉ ସବୁ ପରେ ଘରଟିକୁ ଅନ୍ଧାର କରି ରଜ୍ ରାଜ୍ ଉପୁଡି ପଡୁଥିବା ତାଳ ଗଛ ପରି ସେ ମୋ ଦେହରେ ଲୋଟି ପଡିଛି। ମୋ ଓଠକୁ ଖଣ୍ଡିଆ କରିଛି। ଛାତିକୁ ନଖରେ ରାମ୍ପିଛି। ତା' ତତଲା ଛାତିକୁ ମୋ ଛାତିରେ ନେସିଛି।

ତୁମ ବିନା ବଞ୍ଚିପାରିବିନି। ମରି ଯିବିରେ। ମତେ ସବୁଦିନ ପାଇଁ ତୁମର କରି ନେଇ ଯାଆରେ ବୋଲି କହିଛି। ମୁଁ ଅଫିସ୍‌ରେ ଡେରି କଲେ ତାଗିଦ୍ କରିଛି। ମୋ ପାଇଁ ଖାଇବାକୁ ଧରି ଆସିଛି।

ମତେ ତା' କଟକ ସହର ବୁଲେଇବ ବୋଲି ଅନେକଥର ଡାକିଚି। ନରାଜ ପାହାଚରେ ତା' ଓଠର ଲିପଷ୍ଟିକ୍ ମୋ ଛାତିରେ ବୋଳିଚି। ଶେଷରେ ଏମିତି ବି କହିଛି, ମୁଁ ଜାଣିନିରେ ମୋ ପାଗଳ ସୁନା, ତୁମ ପୌରୁଷର ସାନିଧ ମୋ ଭାଗ୍ୟରେ ଅଛି କି ନାହିଁ... ଏତେ ପରେ ପୁଣି ଭୋ ଭୋ ହୋଇ କାନ୍ଦିଛି।

ଘଟଣା ଏତିକିରେ ଶେଷ ହୋଇଛି।

ଏବେ ସେ ଅଫିସ୍ ଆସୁଛି। ତା' ସମୟ ହେଲେ ସେ ଚାଲିଯାଉଛି। ମୁଁ କୋଉଦିନ ଆସିବି, ନ ଆସିବି, ଛୁଟିରେ ରହିବି, କି ବାହାରକୁ ଟ୍ରେନିଂରେ ଯିବି ସେ କିଛି ଜାଣୁନି। ଏମିତି ବହୁ କିଛି। ଏବେ ସେ ମୋର କିଛି ଜାଣୁନି, କି ମୁଁ ତା'ର କିଛି ଜାଣୁନି। କିନ୍ତୁ ଏତିକି କୁହାଯାଇ ପାରିବ ଯେ, ସେ ଦିନେ କହୁଥିଲା ମୁଁ ତୁମ ବିନା ବଞ୍ଚି ପାରିବିନିରେ ଧନ...

ଏ କଥା ସ୍ୱପ୍ନା ଶୁଣିଲା ପରେ କହେ ଭାଇ ତୁମେ ତାଙ୍କୁ ଭୁଲି ନ ପାରିଲେ ନାହିଁ, ଆଉ ମନେ ପକାଅନି। ତୁମେ ପରା କୁହ ପାଇବାର ଆଶା ଓ ହରାଇବାର ଦୁଃଖରେ ତୁମ ପ୍ରେମ ବନ୍ଧା ନୁହେଁ ବୋଲି ? ତାହାଲେ ତମେ କାଇଁ ମନ ଦୁଃଖ କରୁଛ ?

ତା'ମାନେ ତମେ ତାଙ୍କୁ ଆଶା କରୁଛ, ଲୋଭ କରୁଛ ଆଉ ଭୋଗ କରିବାକୁ ଚାହୁଁଛ ???

ସ୍ୱପ୍ନାର ଏ ପ୍ରଶ୍ନର ଉତ୍ତର ମୁଁ କେବେ ଦିଏନି, ହେଲେ ସେତେବେଳେ, ମୋର ରୋନି କଥା ମନେପଡେ, ଯିଏ କହୁଥିଲା ତୁମକୁ ପାଇବା ଏକ କୋଟି ଜନ୍ମର ପୁଣ୍ୟ ଫଳରେ ଧନ...

*–ପ୍ରେମବଣ, ଗଞ୍ଜେଇଡିହ, ଢେଙ୍କାନାଳ*

## ବିକାଶ

**–ଭକ୍ତ ଚରଣ ସୁନାନୀ**

ହେଇ ଦେଖ ବିକାଶ
କେମିତି ମାଡି ଚାଲିଛି ଆଗକୁ ଆଗକୁ
ଶିଆଳି ଲଟା ପରି
ବଢିଲା ନଈ ପରି
ଅସ୍ଥିର ପବନ ପରି
ଦଳିତର ହାଡ ପଞ୍ଜରାରେ
ଦରିଦ୍ରର ଶିରା ପ୍ରଶିରାରେ
ଦାଦନର ରକ୍ତ କଣିକାରେ
ବିଧବାର ହୃତ୍‌ସ୍ପନ୍ଦନରେ
ଅନାଥର ଦୀର୍ଘ ନିଶ୍ୱାସରେ
ବୁଭୁକ୍ଷୁର ସୁପ୍ତ ଧମନୀରେ
ବାର୍ଦ୍ଧକ୍ୟର କ୍ଲାନ୍ତ ଆୟୁଷରେ
କେତେ ଦେଖିବ ଆସ
ବିକାଶ କେମିତି ହସୁଛି
ଉପହାସର ସାତ ରଙ୍ଗେ
ଭୋକର ଥାଳିରେ
ଲୁହର ଖପରାରେ
ଦୁଃଖର ଝୁଲିରେ
ଅଭାବର ପସରାରେ।
ହେଇ ଦେଖ ବିକାଶ
କେମିତି ମାଡି ଚାଲିଛି ଆଗକୁ ଆଗକୁ
ଅଥୟ ତରଙ୍ଗ ପରି
ଅଧିର ସମୟ ପରି
ଅଶାନ୍ତ ପ୍ରଳୟ ପରି
ଆମ ଗାଁ ଖାଲ ଢିପ କଚା ରାସ୍ତାରେ
ଭଙ୍ଗା ଦଦରା ଝୁମ୍ପୁଡି ଘରେ
ଦରମରା ଫୁଙ୍ଗୁଳା କ୍ଷେତରେ
ଡଙ୍ଗର ତଳେ
ଅପହଞ୍ଚ ଇଲାକାରେ
କେତେ ଦେଖିବ ଆସ
ବିକାଶ କେମିତି ହସୁଛି
ଛଳନାର ସାତ ରଙ୍ଗେ
ଫଟା ଲୁଗାରେ
ଚିରା ପଣତରେ
ଛିଣ୍ଡା ଚପଲରେ
ରୁଗ୍ଣ ଖଟରେ।

*–ଖୁଣ୍ଟିଆ, ପର୍ଲା, କଳାହାଣ୍ଡି*



# କଥା ରଖିଲେ ଅକ୍ଷୟ

ବଲିଉଡ୍‌ର ଖିଲାଡି ମାଷ୍ଟର ଅକ୍ଷୟ କୁମାର। ଗତ କିଛି ବର୍ଷ ଧରି ତାଙ୍କ ଅଭିନୀତ ଅଧିକାଂଶ ଚଳଚ୍ଚିତ୍ର ବକ୍ସ ଅଫିସରେ ଭଲ ବିଜନେସ କରିଛି। ନିକଟରେ ସେହି ତାଲିକାରେ ସାମିଲ ହୋଇଛି ଆଉ ଏକ ଫିଲ୍ମ, ଯାହାର ଟାଇଟଲ ରହିଛି 'ହାଉସଫୁଲ-୪'। ଟାଇଟଲ ପରି ଫିଲ୍ମଟି ମଧ୍ୟ ରିଲିଜ ଦିନଠାରୁ ହାଉସଫୁଲ ଚାଲିଛି। ମାତ୍ର ଦିନ କେଇଟାରେ ଏହା ୧୦୦କୋଟି କ୍ଲବ୍‌ରେ ମଧ୍ୟ ପ୍ରବେଶ କରିଛି। ସିନେମାଟିର ଶୁଟିଂ ସମୟରେ ଏହା ହିଟ୍ ହେବ ବୋଲି ଅକ୍ଷୟ ପୂର୍ବାନୁମାନ କରିଥିଲେ। କେବଳ ସେତିକି ନୁହେଁ, ରିଲିଜ ପରେ ଯଦି ତାଙ୍କ କଥା ସତ ହେଲା ତେବେ ସେ ଏକ ଡିନର ପାର୍ଟିର ଆୟୋଜନ କରିବେ ବୋଲି ମଧ୍ୟ କହିଥିଲେ। ଆଉ ନିକଟରେ ନିଜ କଥା ରଖି ସେ 'ହାଉସଫୁଲ୍-୪'ର ସମସ୍ତ କଳାକାର ଏବଂ ୟୁନିଟ୍ ସଦସ୍ୟଙ୍କୁ ରାତ୍ରିଭୋଜିରେ ଆପ୍ୟାୟିତ କରିଥିଲେ। ଏଥିରେ ବଲିଉଡ୍‌ର କେତେକ ନାମୀ କଳାକାର, ପ୍ରଯୋଜକ ଏବଂ ନିର୍ଦ୍ଦେଶକ ମଧ୍ୟ ସାମିଲ ହୋଇଥିଲେ। ସାଜିଦ ନାଦିଆଡୱାଲାଙ୍କ ପ୍ରଯୋଜିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଫରହାଦ୍ ସାମ୍‌ଜୀ। ଅକ୍ଷୟ କୁମାରଙ୍କ ବ୍ୟତୀତ ଏଥିରେ ବବି ଦେଓଲ, କ୍ରିତି ସାନନ୍, କ୍ରିତି ଖରବନ୍ଦା, ରିତେଶ ଦେଶମୁଖ, ପୂଜା ହେଗଡେ ଏବଂ ଚଙ୍କି ପାଣ୍ଡେ ଅଭିନୟ କରିଛନ୍ତି।



ଅକ୍ଷୟକୁମାର

# ଲୋକେଶନ ପାଇଁ ଟେନ୍‌ସନ

ୟାମି ଏବେ ଟେନ୍‌ସନରେ ଅଛନ୍ତି। କାରଣ ସେ ଅଭିନୟ କରୁଥିବା ଫିଲ୍ମର ଶୁଟିଂକୁ ପାଖାପାଖି ଦୁଇ ସପ୍ତାହ ପାଇଁ ସ୍ଥଗିତ ରଖାଯାଇଛି। ଆଉ ଏକଥାକୁ ୟାମି ଗୌତମ ସହଜରେ ହଜମ କରିପାରୁନାହାନ୍ତି। କଥା କ'ଣ କି, ସେ ଅଭିନୟ କରୁଥିବା ସିନେମା 'ଗିନି ୱେଡ୍‌ସ ସନି'ର ୪୫ଦିନିଆ ଶୁଟିଂ ନିକଟରେ ଗାଜିଆବାଦଠାରେ ଶେଷ ହୋଇଛି। ଏହାର ୨-୩ଦିନ ପରେ ବାକି ଥିବା ଦୁଇଟି ଗୀତର ଶୁଟିଂ ଆରମ୍ଭ ହୋଇଥାଆନ୍ତା। ହେଲେ ଲୋକେଶନ ଫାଇନାଲ ହୋଇ ନ ଥିବାରୁ ବର୍ତ୍ତମାନ କେବଳ ପ୍ରଯୋଜକ ବିନୋଦ ବଚ୍ଚନ ନୁହନ୍ତି ନିର୍ଦ୍ଦେଶକ ପୁନୀତ ଖାନ୍ନା ଏହି ଗୀତଦ୍ୱୟ ପାଇଁ ଲୋକେଶନ ଖୋଜିବାରେ ଲାଗି ପଡିଛନ୍ତି। କେବଳ ସେତିକି ନୁହେଁ, ଏହି ଗ୍ୟାପ୍ ଭିତରେ ୟାମି ଆଉ ଏକ ସିନେମାର ଶୁଟିଂ ଆରମ୍ଭ କରିବାକୁ ଚାହୁଁଥିଲେ, ହେଲେ ତାଙ୍କର ଆଶା ଏବେ ତ୍ରିଶଙ୍କୁ ପରି ଝୁଲି ରହିଛି। 'ମୋର ଯେତିକି ବିଶ୍ୱାସ, ଖୁବ୍‌ଶୀଘ୍ର ଲୋକେଶନ ଫାଇନାଲ ହୋଇଯିବ। ଏ ନେଇ ମୁଁ ମଧ୍ୟ ଟେନ୍‌ସନରେ ଅଛି। କାରଣ ମୋର ଆଉ ଏକ ଫିଲ୍ମର ଶୁଟିଂ ଆରମ୍ଭ ହେବାକୁ ଯାଉଛି ବୋଲି କହିଛନ୍ତି ୟାମି।' ଫିଲ୍ମଟି ଆସନ୍ତାବର୍ଷ ମାର୍ଚ୍ଚରେ ରିଲିଜ ହେବାର ଯୋଜନା ରହିଛି।



ୟାମି

# ଦ୍ରୌପଦୀ ହେବେ ଦୀପିକା

ଦୀପିକା ପାଦୁକୋନ୍ ଖୁବ୍‌ଶୀଘ୍ର ଏକ ପୌରାଣିକ କଥାବସ୍ତୁକୁ ନେଇ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି। ଏହି ଫିଲ୍ମଟିକୁ ସେ ଏବଂ ମଧୁ ମଣ୍ଟେନା ପ୍ରଯୋଜନା କରିବେ। ଚିତ୍ରଟିର ଟାଇଟଲ ରହିଛି 'ମହାଭାରତ'। ଖାସ୍ କଥା ହେଲା ଏଥିରେ ଦ୍ରୌପଦୀ ଭୂମିକାରେ କିଏ ଅଭିନୟ କରିବେ ଜାଣନ୍ତି ? ନିଜେ ଦୀପିକା ଏହି ରୋଲ୍‌ରେ ବଡ ପରଦାରେ ଦେଖାଦେବେ। 'ଏକ ପୌରାଣିକ ସିନେମାଟିଏ ନିର୍ମାଣ କରିବା ଏବଂ ସେଥିରେ ଅଭିନୟ କରିବା ମୋର ଏକ ସ୍ୱପ୍ନ ଥିଲା। ଏବେ ତାହା ପୂରଣ ହେବାକୁ ଯାଉଛି। 'ମହାଭାରତ' ପରି ବିଷୟକୁ ନେଇ ସିନେମା ପ୍ରସ୍ତୁତ କରିବା ଛୋଟ କଥା ନୁହେଁ। ହେଲେ ଏଭଳି ରିସ୍କ ଉଠାଇବାକୁ ମୁଁ ସ୍ଥିର କରିଛି। ପୁଣି ଏହାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଭୂମିକା 'ଦ୍ରୌପଦୀ' ପାଇଁ ନିଜକୁ ହିଁ ସିଲେକସନ କରିଛି। ଏହି ରୋଲ ମୋ ପାଇଁ ଏକ ଚ୍ୟାଲେଞ୍ଜ। ହେଲେ ଦର୍ଶକଙ୍କୁ ଭିନ୍ନ ଧରଣର ମନୋରଞ୍ଜନ ଯୋଗାଇବାକୁ ମୁଁ ସବୁବେଳେ ତୟାର ଥାଏ।' ତେବେ କେବଳ ଏହି ଫିଲ୍ମ ନୁହେଁ, ଦ୍ରୌପଦୀ ରୋଲ୍‌ରେ ଦୀପିକାଙ୍କ ଅଭିନୟ କେତେ ହୃଦୟସ୍ପର୍ଶୀ ହୋଇପାରୁଛି ତାହା ଜାଣିବାକୁ ଆମକୁ ଅପେକ୍ଷା କରିବାକୁ ହିଁ ପଡିବ।



# ସେହି ଛଅ ମାସ..

ବଲିଉଡ୍‌ରେ ସଲମାନ୍ ଓରଫ ସଲ୍ଲୁ ମିଆଁଙ୍କ ଡିମାଣ୍ଡ କେତେ ତାହା କହିବା ବାହୁଲ୍ୟ। କେବଳ ଜଣେ ଅଭିନେତା ନୁହନ୍ତି, ଜଣେ ପ୍ରଯୋଜକ ଏବଂ ନବାଗତ କଳାକାରଙ୍କୁ ସୁଯୋଗ ଦେଇ ସେ ବେଶ୍ ଚର୍ଚ୍ଚିତ। ହିନ୍ଦୀ ସିନେମାର ଏହି ଏଲିଜବୁଲ ବ୍ୟାଚେଲରଙ୍କ ଅଭିନୟ ଜୀବନରେ ଅନେକ ରୋଚକ ଘଟଣା ଘଟିଛି। ସୁପରହିଟ୍ ଫିଲ୍ମ 'ମୈନେ ପ୍ୟାର୍ କିୟା'ରେ ସଲମାନଙ୍କୁ ନାୟକ ଭାବରେ ବ୍ରେକ ମିଳିଥିଲା। କିନ୍ତୁ ଏହା ପରେ ତାଙ୍କୁ ଛଅ ମାସ ଖାଲି ହାତରେ ବସିବାକୁ ପଡିଥିଲା। କିନ୍ତୁ ପରେ ଗୋଟିଏ ପରେ ଗୋଟିଏ ହିଟ୍ ଫିଲ୍ମରେ ଅଭିନୟ କରି ସେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। ସଲମାନ ନିକଟରେ ବଲିଉଡ୍‌ରେ ୨୫ବର୍ଷ ପୂରଣ କରିଛନ୍ତି। ସଲମାନଙ୍କ ଫିଗରକୁ ଦେଖି ବଡି ବିଲଡିଂ କରିଛନ୍ତି ହ୍ରିତିକ ଏବଂ ଅର୍ଜୁନ କପୁର। ସଲମାନଙ୍କ ପ୍ରଶଂସକମାନେ ବମ୍ବେରେ ତାଙ୍କ ନାମରେ ଏକ ରେଷ୍ଟୁରାଣ୍ଟ ଖୋଲିଛନ୍ତି, ଯାହାର ନାମ ରହିଛି 'ଭାଇଜାନ୍'। ଭୂମିକା ଚୟନ ସମୟରେ ସଲମାନ ବେଶ୍ ସଚେତନ। ସେ କଦାପି ନେଗେଟିଭ ଭୂମିକାରେ ଅଭିନୟ କରିବାକୁ ପସନ୍ଦ କରି ନ ଥାନ୍ତି। ଏ ପର୍ଯ୍ୟନ୍ତ ସଲମାନ ଅଭିନୟ କରିଥିବା ସିନେମାରେ ସେ କଦାପି କିସ୍ ଶଟ୍ ଦେଇ ନାହାନ୍ତି। କାରଣ ପରଦା ଉପରେ କିସ୍ ଶଟ୍ ଦେବାକୁ ଆରମ୍ଭରୁ ହିଁ ମନା କରିଦେଇଥାଆନ୍ତି। ସ୍କୁଲରେ ପଢ଼ିବା ସମୟରେ ସଲମାନ ଥରେ ଜାତୀୟ ସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।



ସଲ୍‌ମାନ

# ଅରିନ୍ଦମ ଯାହା ଚାହୁଁଥିଲେ

ନାୟକ ଅରିନ୍ଦମ ଯାହା ଚାହୁଁଥିଲେ ତାହା ତାଙ୍କୁ ମିଳିଯାଇଛି। ଅର୍ଥାତ୍, ଫିଲ୍ମର ଟାଇଟଲ, ଭୂମିକା, ଦୃଶ୍ୟାୟନ- ଏସବୁ ତାଙ୍କ ମନକୁ ଏମିତି ପ୍ରଭାବିତ କରିଛି ତାହାକୁ ପ୍ରକାଶ କରିବାକୁ ସେ ଭାଷା ଖୋଜୁଛନ୍ତି। କେବଳ ସେତିକି ନୁହେଁ, ନିଜ ଓଲିଉଡ୍ କ୍ୟାରିୟରରେ ସେ ପ୍ରଥମ ଥର ପାଇଁ ଏକ ବାୟୋପିକ୍‌ରେ ଅଭିନୟ କରୁଛନ୍ତି। ସିନେମାଟିର ଟାଇଟଲ ରହିଛି 'ବାବୁ ଭାଇଜାନ୍', ଯାହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଅରିନ୍ଦମ। ଏକ ସତ୍ୟ କଥା ତଥା ଜଣେ ବିଜନେସମ୍ୟାନଙ୍କ ଉତ୍‌ଥାନ ପତନ ଜୀବନୀ ଉପରେ ଫିଲ୍ମଟି ଆଧାରିତ। କାହାଣୀ ଅନୁସାରେ ଆମ ରାଜ୍ୟର ବାଲେଶ୍ୱର ଜିଲାର ଜଣେ ପିଲା ବାବୁ। ସେ କିପରି ନିଜର ଉଦ୍ୟମ ବଳରେ ଆଜି ନିଜକୁ କେବଳ ଜାତୀୟ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ଜଣେ ସଫଳ ଗାର୍ମେଣ୍ଟ ବିଜ୍‌ନେସମ୍ୟାନ୍ ଭାବରେ ପରିଚିତ କରାଇପାରିଛନ୍ତି ତାହା ସିନେମାରେ ଦେଖିବାକୁ ମିଳିବ। ଏହା ଭିତରେ ଲୁଚି ରହିଛି ସେହି ପିଲାର ଅନେକ ରୋମାଞ୍ଚକର କଥା। ଯେଉଁ ହାତରେ ସେ ଅ ଆ ଲେଖିବା କଥା ସେହି ହାତରେ ସେ କପଡା କଇଁଚି ଧରି କାମରେ ଲାଗିପଡିଥିଲା। ଗରିବ ଘରେ ଜନ୍ମ, ହେଲେ ମନରେ ଆଶା ଅସୁମାରୀ। ତାହାକୁ ପୁଞ୍ଜି କରି ସେ ଚାଲିଯାଇଥିଲା ଦିଲ୍ଲୀ। ଆଉ ତା'ପରେ ସେ କିପରି ନିଜକୁ ଜଣେ ବିଜ୍‌ନେସ୍‌ମ୍ୟାନ ଭାବରେ ପରିଚିତ କରାଇପାରିଛି ତାହା ସିନେମାଟି ଦେଖିଲେ ହିଁ ଜାଣିପାରିବେ। ଖ୍ୱାଜା ଗରିବ୍ ନୱାଜ ପ୍ରଡକ୍ସନ ବ୍ୟାନରରେ ଫିଲ୍ମଟିର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା ସହ ପ୍ରଯୋଜନା ଭାର ତୁଲାଇଛନ୍ତି ଆଗଧାଡିର ନାଟ୍ୟକାର ସନ୍ତୋଷ ନାରାୟଣ ଦାସ। ତାପସ ସରଘରିଆ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଏବଂ ଅରୁଣ ମନ୍ତ୍ରୀ, ପଞ୍ଚାନନ ନାୟକ, ନିର୍ମଳ ନାୟକ ଏବଂ ଦେବୀଦତ୍ତ ମହାନ୍ତିଙ୍କ ରଚିତ ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ମଳୟ ମିଶ୍ର। ଏଥିରେ ଅରିନ୍ଦମଙ୍କ ଅପୋଜିଟ୍‌ରେ ଅଛନ୍ତି ଚୁଲବୁଲି ଶିବାନୀ। ଏହି ଯୋଡି ବ୍ୟତୀତ ମିହିର ଦାସ, ଶ୍ରୀତମ ଦାସ, ବବି ମିଶ୍ର, ମନୋଜ ମିଶ୍ର, ଚୌଧୁରୀ ବିକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ବିଦୁସ୍ମିତା, ପୁଷ୍ପା ପଣ୍ଡା, ସୋମା ହୋତା, ସନ୍ତୋଷ ନାରାୟଣ ଏବଂ ତାପସ ସରଘରିଆ ଅଭିନୟ କରୁଛନ୍ତି। ଫିଲ୍ମର ଶୁଟିଂ ଶେଷ ହେବା ପରେ ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି।



ଶିବାନୀ-ଅରିନ୍ଦମ

ପ୍ରଥମ ରୋଜଗାର

# ପ୍ରଥମ ଦରମା ଟଙ୍କା ମା' ହାତରେ ଦେଇଥିଲି

ଅଧ୍ୟାପକ ତଥା ପ୍ରାବନ୍ଧିକ **ଡ. ଭଗବାନ ପଟେଲ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...



ସୁନ୍ଦରଗଡ଼ର ଦଲ୍‌ଦଲି ଗାଁରେ ମୋର ଜନ୍ମ। ଓଡ଼ିଆରେ ଏମ୍‌.ଏ ଓ ଏମ୍‌.ଫିଲ୍ ପାସ୍ କରିବା ପରେ ୧୯୮୯ ମସିହାରେ ସରଗିପାଲି ମହାବିଦ୍ୟାଳୟରେ ଓଡ଼ିଆ ଅଧ୍ୟାପକ ଭାବେ ଯୋଗଦେଇଥିଲି। ୫୨୫ ଟଙ୍କା ଥିଲା ମୋର ପ୍ରଥମ ଦରମା। ଦରମାଟିକୁ ଆଣି ମୋ ଆଦରର ମା' ହାତରେ ଦେଇଥିଲି। ସେଦିନ ମା' ବହୁତ ଖୁସି ହେବା ସହିତ ମୋ ମୁଣ୍ଡକୁ ଆଉଁସି ମୋତେ ଖୁବ୍ ଆଶୀର୍ବାଦ କରିଥିଲା। ଆଉ ତାରି ଆଶୀର୍ବାଦ ପାଇ ସମାଜରେ ମୁଁ ମୋର ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିବା ସହ ଖୁବ୍ ଶାନ୍ତିରେ ଅଛି। ଅବଶ୍ୟ ୟା'ଭିତରେ ମୋତେ ଅନେକ ଭଲ ଭଲ ସ୍ଥାନରୁ ଚାକିରି ଅଫର୍ ମିଳିଛି, କିନ୍ତୁ ସରଗିପାଲି ମହାବିଦ୍ୟାଳୟରୁ ମୁଁ ଯେହେତୁ ମୋର କ୍ୟାରିୟର ଆରମ୍ଭ କରିଥିଲି ତେଣୁ ତାକୁ ଛାଡ଼ି ଅନ୍ୟତ୍ର ଯାଇ ଅଧ୍ୟାପନା କରିବାକୁ ଉଚିତ ମଣିନି, ଯଦ୍ୱାରା ଏବେ ବି ସେହି ମହାବିଦ୍ୟାଳୟରେ ମୁଁ ଅଧ୍ୟାପନା କରୁଅଛି। ତା'ସହିତ 'କାବ୍ୟଶିଳ୍ପୀ ରମାକାନ୍ତ ରଥ: ଏକ ଅଧ୍ୟୟନ' ବିଷୟ ଉପରେ ରିସର୍ଚ୍ଚ କରି ୨୦୧୩ରେ ମୁଁ ପିଏଚ୍‌.ଡି ଡିଗ୍ରୀ ହାସଲ କରିସାରିଛି। ଏହାଛଡ଼ା ନିଜସ୍ୱ ଚେଷ୍ଟା ବଳରେ ସାହିତ୍ୟ କ୍ଷେତ୍ରରେ ମଧ୍ୟ ବେଶ୍ କିଛିପାଦ ଆଗେଇ ପାରିଛି। ଏମ୍‌ଏ ପଢ଼ିବା ସମୟରେ କବିତା ଓ ପ୍ରବନ୍ଧ ଲେଖୁଥିଲି। ସେବେଠାରୁ ଏହି ଲେଖାଲେଖିର ଧାରା ମୋର ସେମିତି ଚାଲିଛି। ୟା'ଭିତରେ ୧୯ଟି ପ୍ରବନ୍ଧ ପୁସ୍ତକ ମୋର ପ୍ରକାଶିତ ହୋଇସାରିଲାଣି। ତନ୍ମଧ୍ୟରୁ 'ଆଧୁନିକ ଓଡ଼ିଆ କାବ୍ୟ କବିତା: ପ୍ରତିଟି ଓ ପ୍ରତ୍ୟୟ', 'ଆଧୁନିକ ଓଡ଼ିଆ କାବ୍ୟଧାରା: ଜୀବନ ଓ ସୃଜନ', 'ସାହିତ୍ୟର ପାରାବାର', 'ସାହିତ୍ୟ ସ୍ରୋତ', 'ଆଧୁନିକ ଓଡ଼ିଆ କାବ୍ୟ ଓ କବିତାର ଧରା ଏବଂ ଧାରା', 'ଯୁଗ ଚେତନାର କବି ବିନୋଦ ଚନ୍ଦ୍ର ନାୟକ', 'କବିତାର ଦୃଷ୍ଟି ଓ ଦିଗନ୍ତ: କବି ସୌଭାଗ୍ୟବନ୍ତ' ଇତ୍ୟାଦି ପ୍ରବନ୍ଧ ପୁସ୍ତକ ହେଉଛି ଅନ୍ୟତମ। ସେହିପରି ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ବି ମୋର ଅନେକ ଲେଖା ପ୍ରକାଶିତ ହୋଇଛି। ଏହି ଲେଖାଲେଖି ପାଇଁ ମୋତେ ବିଭିନ୍ନ ଅନୁଷ୍ଠାନ ତରଫରୁ ମଧ୍ୟ ବହୁ ସମ୍ବର୍ଦ୍ଧନା ଓ ପୁରସ୍କାର ବି ମିଳିଛି। ଓଡ଼ିଶା ସାହିତ୍ୟ ଏକାଡେମୀର ମୁଁ ଜଣେ ପୂର୍ବତନ ସଦସ୍ୟ ଆଉ ଏବେ କଟକର ଓଡ଼ିଶା ଗବେଷଣା ପରିଷଦ, ରାଉରକେଲାର ପ୍ରଗତି ଉତ୍କଳ ସଂଘ, ସୁନ୍ଦରଗଡ଼ର ଜିଲା ଲେଖକ ସାମ୍ମୁଖ୍ୟ ପରି ଅନେକ ସାହିତ୍ୟାନୁଷ୍ଠାନର ଜଣେ ସକ୍ରିୟ ସଦସ୍ୟ ଭାବେ ନିଜର ଦାୟିତ୍ୱ ସୁଚାରୁରୂପେ ତୁଲାଉଅଛି। ଉଭୟ ଅଧ୍ୟାପନା ଓ ଲେଖାଲେଖିରୁ ମୋତେ ଖୁବ୍ ଆତ୍ମଶାନ୍ତି ମିଳୁଛି ଆଉ ଭଗବାନଙ୍କ କୃପାରୁ ଏହି ଧାରା ମୋର ସେମିତି ଜାରି ରହୁ ବୋଲି ଆଶା କରୁଛି।

# ପ୍ରେମିକାର ଚୁମା : କେତେବେଳେ ମିଠା ମିଠା କେତେବେଳେ ବୋମା



ସାଥୀ

**ପ୍ରଶ୍ନ**–ପ୍ରେମିକାର ଚୁମା ପଛରେ ଅନେକ ରହସ୍ୟ ଲୁଚି ରହିଥାଏ। ତାହା କ'ଣ କହିବେ କି ସାଥୀ ?

*–ସୁଜିତ୍ କୁମାର, ବାଲେଶ୍ୱର*

**ଉତ୍ତର:** ଏପରି ସେନ୍‌ସେସନାଲ ବିଷୟ ଭିତରକୁ ନ ପଶିବା ଭଲ। କାରଣ ପ୍ରେମିକାର ଚୁମା: କେତେବେଳେ ମିଠା ମିଠା କେତେବେଳେ ବୋମା। ତେଣୁ ପ୍ରେମିକାର ଏହି ପରସ କେତେବେଳେ ମନକୁ ରଙ୍ଗିନ ସ୍ୱପ୍ନରେ ବିମୋହିତ କରେ ତ କେତେବେଳେ ବୋମା ପରି ବିସ୍ଫୋରଣ ହୋଇ ସର୍ବନାଶ କରିବାକୁ ପଛାଇ ନ ଥାଏ। ତେଣିକି ବଲ୍ ଆପଣଙ୍କ କୋର୍ଟରେ, ଆପଣ ଯେମିତି ଚାହିଁବେ ସେମିତି ଖେଳିବେ !

**ପ୍ରଶ୍ନ**–ମୋ ମନ କେତେବେଳେ ଚୋରି ହୋଇଗଲା ଜାଣିପାରିଲି ନାହିଁ। ଏବେ ମୋ ମନର ମାନସୀ ସହ ଆଗକୁ ଆଗେଇବା ଠିକ୍ ହେବ କି ?

*–ନରୋତ୍ତମ ସାହୁ, ପୁରୀ*

**ଉତ୍ତର:** ଆପଣଙ୍କ ପ୍ରେମ ଆକାଶର ପାଣିପାଗ ଠିକ୍ ଅଛି ତ ? ଯଦି ପ୍ରେମରେ କୌଣସି ଆବିଳତା ନାହିଁ କି ଭବିଷ୍ୟତରେ କୌଣସି ପ୍ରୋବ୍ଲେମ୍ ହେବନାହିଁ ବୋଲି ବିଶ୍ୱାସ ରହିଛି ତେବେ ଡେରି ନ କରି ପାଦ ଆଗକୁ ପକାନ୍ତୁ। ହେଲେ ସେହି ସମୟରେ ମନରେ 'କିନ୍ତୁ, ଯଦି' ପରି ଶବ୍ଦ ରଖନ୍ତୁ ନାହିଁ। 'ମନରେ ମନ ଗଲେ ମିଶି, ସେଥିରୁ ମିଳେ ଅମାପ ଖୁସି।' ହେଲେ ଏଥିରେ ବିଳମ୍ବ କଲେ ହୁଏତ କଥାଟି 'ମାରିନେବେ ମହାପାତ୍ର ଚାହିଁଥିବେ ଜଳକା' ପରି ହୋଇପାରେ।

**ପ୍ରଶ୍ନ**–ପ୍ରେମରେ ଝିଅମାନେ ଧୋକା ଦିଅନ୍ତି କାହିଁକି ?

*–ଆଶୁତୋଷ ଦାସ, ସୁନାବେଡ଼ା, କୋରାପୁଟ*

**ଉତ୍ତର:** ଏପରି ଦୋଷ ଜଣକ ଉପରେ ଲଦି ଦେବା ସମୀଚୀନ ନୁହେଁ। ତାଳି କ'ଣ କେବେ ଗୋଟିଏ ହାତରେ ବାଜିଲାଣି ? ଦୋଷର ପରିମାଣ କାହାର କମ୍ କାହାର ବେଶି ଥାଇପାରେ। ଯଦି ଆପଣ ଠିକ୍ ଅଛନ୍ତି ଆଉ ଝିଅଟିଏ ଆପଣଙ୍କୁ ଧୋକା ଦେଇଛି ବୋଲି ଭାବୁଛନ୍ତି, ତେବେ ସେପରି ପରିବେଶରୁ ନିଜକୁ ଯେତେଶୀଘ୍ର ଦୂରେଇ ନେବା ହିଁ ଆପଣଙ୍କ ପକ୍ଷେ ଭଲ ହେବ। କାରଣ ଏଭଳି ପ୍ରେମକୁ ଯେତେ ଉଖୁରେଇବେ ତାହାର ଆଘାତ ସେତେ ଅଧିକ ଅନୁଭୂତ ହେବ।

**ପ୍ରଶ୍ନ**–ଜଣେ ଝିଅ ମୋତେ ମନ ପ୍ରାଣ ଦେଇ ଭଲ ପାଉଥିଲା। ହେଲେ ଅଧାବାଟରେ ଆମ ପ୍ରେମ ପାଣିଚିଆ ହୋଇଗଲା। ଏହାର କାରଣ ମୁଁ ଜାଣିପାରୁନାହିଁ।

*–ସୁବୋଧ, ରାଉରକେଲା*

**ଉତ୍ତର:** ଆପଣଙ୍କ ପ୍ରେମରେ ନିଶ୍ଚୟ କେଉଁଠି କେଁ ରହିଯାଇଛି। ହେଲେ ପ୍ରେମର ନିଶା ଆପଣଙ୍କୁ ସେତେବେଳେ ଏତେ ଘାରିଥିଲା ଯେ ଆପଣ ତାହା ଜାଣିପାରି ନାହାନ୍ତି। ଶେଷକୁ ଦେଖିଲା ବେଳକୁ ରାତିସାରା ଅନିଦ୍ରା ହେଲେ ମୁଗୁରା ମୁହଁ ମେଲା। ତେଣୁ ପ୍ରେମ ତ ପାଣିଚିଆ ହୋଇଗଲାଣି। ସେଥିରୁ ଆଉ ଭଲ ଫଳ ମିଳିବ ତାହା ଆଶା କରିବା ଯାହା ମରୀଚିକା ପଛରେ ଧାଇଁବା ସେଇଆ। ତେଣୁ ଯେତେଶୀଘ୍ର ଚ୍ୟାନେଲ ଚେଞ୍ଜ୍ କରନ୍ତୁ।

**ପ୍ରଶ୍ନ**–ଅନେକ ଝିଅଙ୍କୁ ପ୍ରପୋଜ୍ କରି ଥକିଗଲିଣି। ହେଲେ ମୋତେ ମନଲାଖି ପ୍ରେମିକାଟିଏ ମିଳୁନାହିଁ। କାହିଁକି ?

*–ତପନ କୁମାର, କେନ୍ଦ୍ରାପଡ଼ା*

**ଉତ୍ତର:** ଆପଣ ବୋଧହୁଏ ଅନ୍ଧାରରେ ବାଡ଼ି ବୁଲାଉଛନ୍ତି। ଯାହାକୁ ପ୍ରପୋଜ୍ କଲେ ଯେ ସେ ପ୍ରେମିକା ସାଜିବ ସେପରି ଧାରଣା ପ୍ରଥମେ ମନକୁ ଦୂର କରନ୍ତୁ। ଯାହାକୁ ମନର ମାନସୀ କରିବେ ବୋଲି ମନରେ ପୁଳାଏ ଆଶା ବାନ୍ଧିଛନ୍ତି, ତାହାର ମନୋଭାବକୁ ପ୍ରଥମେ ଭଲଭାବରେ ପଢ଼ିବାକୁ ଚେଷ୍ଟାକରନ୍ତୁ। ଯଦି ତା' କଥାବାର୍ତ୍ତା, ଚାହାଣିରେ ପ୍ରେମର ଆଭାସ ମିଳୁଛି ତେବେ ବିଳମ୍ବ ନ କରି ପ୍ରପୋଜ୍ କରନ୍ତୁ। ଆଉ ଯେଉଁ ତରିକାରେ ଆଗଉଛନ୍ତି ସେମିତି ଆଗେଇଲେ ଫଳ କ'ଣ ହେବ ତାହା ନିଜେ ଅନୁଭବ କରିସାରିଲେଣି। ତେଣୁ ପ୍ରେମର ଅସଲ ଫର୍ମୁଲାକୁ ଆପ୍ଲାଏ କରନ୍ତୁ।

# ଫଟୋ ସତ ଲାଗେ ମିଛ








**ଫଟୋଗ୍ରାଫି ଏକ କଳା। ଏହା ଦ୍ୱାରା ସାମାନ୍ୟ ବି ଅସାମାନ୍ୟ ଲାଗିପାରେ। ଏକ ଭ୍ରମର ଦୁନିଆ ତିଆରି କରିପାରେ। ସେମିତି କିଛି ଫଟୋ ଆମେ ଦେଉଛୁ, ଯାହା ବାସ୍ତବ ହେଲେ ବି ଅବାସ୍ତବ ଲାଗେ। ଜାଣନ୍ତୁ ସେ ସମ୍ପର୍କରେ...**

**ମୁଣ୍ଡ ନ ଥିବା ହକି ଖେଳାଳି–** ଲାଗୁଥାଇପାରେ ନରୱେର ଏହି ହକି ଖେଳାଳିଙ୍କୁ ଅଦୃଶ୍ୟ ହେବାର କଳା ଜଣା। ଅବା ଫଟୋକୁ ଫଟୋଶପ୍‌ରେ ଏଡିଟ୍ କରାଯାଇଛି। ନଚେତ୍ ହେଲମେଟ୍ ଥାଇ ମୁଣ୍ଡ ଗଲା କୁଆଡେ ? ତେବେ ନା ସେହି ଖେଳାଳିଙ୍କୁ କୌଣସି ଯାଦୁ ଜଣା ନା ଫଟୋକୁ ଫଟୋଶପ୍‌ରେ ଏଡିଟ୍ କରାଯାଇଛି। ବରଂ ଠିକ୍ ସମୟରେ କ୍ଲିକ୍ ହୋଇଛି। ଅର୍ଥାତ୍ ତାଙ୍କ ମୁଣ୍ଡରୁ ହେଲମେଟ୍ ବାହାରି ଅନ୍ୟ ଖେଳାଳିଙ୍କ ବାହୁରେ ରହିବା ସମୟ ଅନ୍ତରାଳେ ଉକ୍ତ ଫଟୋ ଉଠାଯାଇଛି।

**ରଙ୍ଗିନ ଜଳପ୍ରପାତ–** ଫଟୋଗ୍ରାଫର୍ ସିନ୍ ଲେଞ୍ଜୀ ଓ କ୍ରିଷ୍ଟୋଫର୍ ଆଡିଲ୍ଡଗାର୍ଡ ଗ୍ଲୋ ଷ୍ଟିକ୍, ବିଭିନ୍ନ ହେଡ୍ ଲ୍ୟାମ୍ପ, ରୋଡ୍ ଫ୍ଲେର୍ ଏବଂ ଚନ୍ଦ୍ରର ଆଲୋକ ବ୍ୟବହାର କରି ଏହି ରଙ୍ଗିନ ଜଳପ୍ରପାତର ଭ୍ରମ ସୃଷ୍ଟି କରି ଫଟୋଶୁଟ୍ କରିଛନ୍ତି। କାଲିଫର୍ନିଆର ବିଭିନ୍ନ ଜଳପ୍ରପାତର ଫଟୋ ସେ ଏହିଭଳି ଶୁଟ୍ କରିଛନ୍ତି, ଯାହାକି ଫଟୋଶପ୍ ହେଲାଭଳି ଲାଗିଥାଏ।

**ଖୁସିରେ ଡେଉଁଥିବା ୱେଟ୍‌ଲିଫ୍ଟର୍–** କଲମ୍ବିଆର ୱେଟଲିଫ୍ଟର୍ ଲେସ୍ମାନ୍ ପାରଡେସ୍, ୨୦୧୫ ଜୁନିୟର ୱେଟ୍‌ଲିଫ୍ଟିଂ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲେ। ସେ ୧୯୦ କି.ଗ୍ରା. ଓଜନ ସଫଳତାର ସହ ଉଠାଇ ସାରିବା ପରେ ତାଙ୍କ ହାତରେ ଥିବା ଭାରକୁ ତଳକୁ ପକାଇ ବହୁତ ଖୁସି ହୋଇ ଡେଇଁଥିଲେ। ଉକ୍ତ ଭାର ବା ଓଜନଟି ବି ଉପରକୁ ଉଠିଥିଲା। ଠିକ୍ ସମୟରେ କ୍ଲିକ୍ କରାଯାଇଥିବାରୁ ଉଭୟ ଲେସ୍ମାନ୍ ଓ ଭାର ଏକାସଙ୍ଗରେ ଡେଇଁଲା ଭଳି ଫଟୋ ଉଠିଥିଲା।

**ରାସ୍ତାରେ ରେଖାଚିତ୍ରର କାର୍–** ଫଟୋଟି ଦେଖିଲେ ଲାଗିବ ସତେ ଯେମିତି ଫଟୋଶପ୍‌ରେ ଏଡିଟ୍ କରି କେହି ଏକ ରେଖାଚିତ୍ରର କାର୍‌କୁ ରାସ୍ତାରେ ରଖିଦେଇଛନ୍ତି। କିନ୍ତୁ ଏହା କୌଣସି ରେଖାଚିତ୍ର ନୁହେଁ ବରଂ ଏହା ତାରରେ ନିର୍ମିତ ଟୟୋଟା କରୋଲା କାର୍‌ର ଏକ ଲାଇଫ୍ ସାଇଜ୍‌ର ପ୍ରତିକୃତି। ଯାହାକୁ ଡିଜାଇନ୍ କରିଛନ୍ତି ବେନେଡିକ୍ଟ ରାଡକ୍ଲିଫ୍।


**ଚାଇନା ଆର୍ମି ପରେଡ–** ଚାଇନା ସେନାବାହିନୀଙ୍କର ଏହି ପରେଡ୍ ଫଟୋ ଦେଖିଲେ ଲାଗିପାରେ ମାତ୍ର ୩–୪ଜଣ ସୈନିକଙ୍କ ଫଟୋକୁ ଫଟୋଶପ୍‌କରି ଶହ ଶହ କରାଯାଇଛି। କିନ୍ତୁ ନିକଟରୁ ଦେଖିଲେ ଜାଣିପାରିବେ ଚାଇନା ଆର୍ମି ନିଖୁଣ ଭାବେ ସମତାଳରେ ପରେଡ କରୁଛନ୍ତି ।


**ବାଦଲ ଆଇସକ୍ରିମ୍–** କୁନି ଝିଅଟି ବାଦଲକୁ ଆଇସ୍‌କ୍ରିମ ଭାବେ ଖାଉଥିବାର ଏହି ଫଟୋଟି ମଧ୍ୟ ଫଟୋଶପ୍ କଲାଭଳି ଲାଗେ। କିନ୍ତୁ ଏହା ହେଉଛି ପରଫେକ୍ଟ ଆଙ୍ଗେଲ ଓ ପରଫେକ୍ଟ ଟାଇମିଂରେ ଉଠାଯାଇଥିବା ଏକ ଚମତ୍କାର ଫଟୋ।

**ଭାସମାନ ଓଲଟା ବାଲକୋନିରେ ଠିଆ ଫଟୋ–** ଫିଲିପ୍ ରାମେଟ୍ ହେଉଛନ୍ତି ଫ୍ରାନ୍ସର ଜଣେ କଳାକାର ଓ ଫଟୋଗ୍ରାଫର୍। ସେ ତାଙ୍କର ଗ୍ରାଭିଟି ଡିଫାଇଂ ଫଟୋ ପାଇଁ ପରିଚିତ। ଉକ୍ତ ଫଟୋଶୁଟ୍ କରିବା ପାଇଁ ଓଲଟା ଥିବା ଚଟାଣରେ ନିଜ ଗୋଡକୁ ଫିକ୍ସ କରି ବାଲକୋନିରେ ସିଧା ହୋଇ ଠିଆ ହେବା ଲାଗି ରେଲିଂକୁ ଧରିଛନ୍ତି।











ଭାରତୀ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

**ଫଟୋ ସୌଜନ୍ୟ- କୁମାର ଶରତ,ଧରିତ୍ରୀ**

# ହାଃ ହାଃ

## ମନ୍ତ୍ର

ପପୁ ରାଜୁକୁ- ସାଙ୍ଗ, ମତେ କିଛି ଟଙ୍କା ଦରକାର। ଟିକେ ଧାର ଦେଇଥା।
ରାଜୁ- ମୋ ପାଖରେ ବି ଟଙ୍କା ନାହିଁ।
ପପୁ- ତୁ ବୁଝୁନୁ କାହିଁକି ? ମୋର ଟଙ୍କା ନିହାତି ଦରକାର।
ରାଜୁ-ତା'ହେଲେ ମୁଁ ଗୋଟେ ମନ୍ତ୍ର ଜାଣିଛି, ତାକୁ ଉଚ୍ଚାରଣ କରିବୁ ଟଙ୍କା ଆପେ ଆସିବ।
ପପୁ- ସତ ନା କ'ଣ ?
ରାଜୁ- ହଁ।
ପପୁ- କହିଲୁ ସେ ମନ୍ତ୍ର।
ରାଜୁ- ରାସ୍ତାକଡ଼ରେ ବସି କହିବୁ, 'ଭଗବାନଙ୍କ ନାଁରେ କିଛି ଦେଇ ଦିଅ ବାବା....'।

## ଝଗଡ଼ା

ଶିକ୍ଷକ ଗୋପୀକୁ- ଶ୍ରେଣୀରେ ଝଗଡ଼ା କାହିଁକି କରିବା ଉଚିତ ନୁହେଁ?
ଗୋପୀ- କାରଣ କିଏ ଜାଣିଛି ପରୀକ୍ଷା ସମୟରେ ଆମକୁ କାହା ପଛରେ ବସିବାକୁ ହେବ।

## କଞ୍ଜୁସ୍ ସ୍ୱାମୀ

ଟ୍ରେନ୍‌ରେ ଗଲାବେଳେ ସ୍ତ୍ରୀ ସ୍ୱାମୀଙ୍କୁ- ଜୋର୍‌ରେ ଶୋଷ ଲାଗିଲାଣି ଟିକେ ପାଣି ତ ଆଣିଦିଅ।
ସ୍ୱାମୀ- ପାଣି କ'ଣ ତମେ କହିଲେ ସିଙ୍ଗଡା, ବରା, ଆଳୁଚପ୍ ବି ଆଣିଦେବି।
ସ୍ତ୍ରୀ- ଆରେ ତମେ କେତେ ଭଲ, ମୁଁ ଖାଲି ତମକୁ ଭୁଲ୍ ବୁଝୁଥିଲି। ଏଇ ଖାଇବା ଜିନିଷ କଥା ଶୁଣି ମୋ ପାଟିରୁ ଲାଳ ବୋହି ଗଲାଣି।
ସ୍ୱାମୀ-ଲାଳ ବୋହିଲାଣି ତ ସେଇ ପାଣିରେ ନିଜର ଶୋଷ ମେଣ୍ଟେଇ ନିଅ।









## ପ୍ରାଚୀନ ମନ୍ଦିରର ସହର

# ଅବନ୍ତିପୁର

**ଜମ୍ମୁ ଓ କଶ୍ମୀରସ୍ଥିତ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ଭାବେ ଅବନ୍ତିପୁରର ବେଶ୍ ନାଁ ରହିଛି। ପ୍ରାକୃତିକ ବୈଭବରେ ଭରା ଏହି ପର୍ଯ୍ୟଟନସ୍ଥଳୀରେ ଅନେକ ପ୍ରାଚୀନ ମନ୍ଦିର ଦେଖିବାକୁ ମିଳିଥାଏ। ସେଥିପାଇଁ ଅନେକେ ଏହାକୁ ପ୍ରାଚୀନ ମନ୍ଦିରର ସହର ଅବନ୍ତିପୁର ବୋଲି ବି କହିଥାନ୍ତି। ଖାସ୍ କରି ଏଠାକାର ଅବନ୍ତୀଶ୍ୱର ଓ ଅବନ୍ତିସ୍ୱାମୀ ମନ୍ଦିର ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ...**

ଅବନ୍ତିପୁର ଜମ୍ମୁ ଓ କଶ୍ମୀରର ପୁଲୱାମା ଜିଲା ଅନ୍ତର୍ଗତ ଏମିତି ଏକ ପର୍ଯ୍ୟଟନସ୍ଥଳୀ, ଯେଉଁଠାରେ ଅନେକ ପ୍ରାଚୀନ ମନ୍ଦିର ଦେଖିବାକୁ ମିଳିଥାଏ। ତନ୍ମଧ୍ୟରୁ ଅବନ୍ତୀଶ୍ୱର ଓ ଅବନ୍ତିସ୍ୱାମୀ ମନ୍ଦିର ହେଉଛି ସ୍ଥାନୀୟ ଦୁଇଟି ପ୍ରମୁଖ ପ୍ରାଚୀନ ମନ୍ଦିର। ଏହି ଦୁଇଟି ମନ୍ଦିରର ନିର୍ମାଣ ରାଜା ଅବନ୍ତି ବର୍ମନଙ୍କ ଦ୍ୱାରା ନବମ ଶତାବ୍ଦୀ ସମୟରେ କରାଯାଇଥିଲା। ଅବନ୍ତୀଶ୍ୱର ମନ୍ଦିରରେ ଦେବ ଦେବ ମହାଦେବ ପୂଜା ପାଉଥିବାବେଳେ ଅବନ୍ତିସ୍ୱାମୀ ମନ୍ଦିରରେ ପ୍ରଭୁ ବିଷ୍ଣୁଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ।

### କେବେ ଓ କେମିତି ଯିବେ

ଅବନ୍ତିପୁର ଯିବା ପାଇଁ ସଡ଼କପଥ, ରେଳପଥ ତଥା ଆକାଶପଥର ବେଶ୍ ଭଲ ସୁବିଧା ରହିଛି। ଶ୍ରୀନଗର ଏୟାର୍‌ପୋର୍ଟ ଏଠାକାର ନିକଟତମ ବିମାନବନ୍ଦର ହୋଇଥିବାବେଳେ ଜମ୍ମୁ ତୱି ରେଲୱେ ଷ୍ଟେଶନ ହେଉଛି ସ୍ଥାନୀୟ ଏକ ପ୍ରମୁଖ ରେଳଷ୍ଟେଶନ, ଯେଉଁଠାକୁ ଦେଶର ବିଭିନ୍ନ ସ୍ଥାନରୁ ଟ୍ରେନ୍ ଯା'ଆସ କରିଥାଏ। ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ ଏଠାକୁ ସଡ଼କ ମାର୍ଗରେ ମଧ୍ୟ ଯାଇପାରିବେ। କିନ୍ତୁ ଏଥିପାଇଁ ସେମାନଙ୍କୁ ପ୍ରଥମେ ବସ୍‌ରେ ଶ୍ରୀନଗର ଯାଇ ସେଠାରୁ ଅନ୍ୟ ଏକ ବସ୍ ଧରି ଅବନ୍ତିପୁର ଯିବାକୁ ହେବ। ସେହିପରି ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ଏଠାକୁ ଯିବା ପାଇଁ ଏପ୍ରିଲ୍‌ରୁ ନଭେମ୍ବର ହେଉଛି ସବୁଠୁ ଭଲ ସମୟ। କାରଣ ନଭେମ୍ବର ମାସ ପରେ ଏଠାରେ ପ୍ରବଳ ଶୀତ ଅନୁଭୂତ ହୋଇଥାଏ। ଏପରିକି ଅନେକ ସମୟରେ ଏଠାରେ ତୁଷାରପାତ ହେଉଥିବାର ବି ଦେଖିବାକୁ ମିଳେ।

### କ'ଣ ଦେଖିବେ

ଅବନ୍ତିପୁରରେ ଥିବା ଦୁଇ ପ୍ରମୁଖ ମନ୍ଦିର ଅବନ୍ତୀଶ୍ୱର ଓ ଅବନ୍ତିସ୍ୱାମୀ ମନ୍ଦିରର ନିର୍ମାଣଶୈଳୀ ଦେଖିଲେ ପ୍ରାୟତଃ ଏକାଭଳି ଦେଖାଯାଇଥାଏ। ଖାସ୍ କରି ଉଭୟ ମନ୍ଦିରର ପ୍ରବେଶ ଦ୍ୱାର ନିକଟସ୍ଥ କାନ୍ଥକୁ ପଥରରେ ଖୋଦେଇ କରି ସେଥିରେ ଏକାପରି ଆକର୍ଷଣୀୟ କଳାକୃତି କରାଯାଇଥିଲା। ବହୁତ ବର୍ଷର ପୁରୁଣା ମନ୍ଦିର ହୋଇଥିବାରୁ ଏବେ ଏହାର ଅନେକ ଅଂଶ ଭାଙ୍ଗିଯାଇଛି। ହେଲେ ଯେଉଁ କଳାକୃତିର ଛାପ ଆଜି ବି ରହିଛି ତାହା ମନେପକାଇ ଦେଉଛି ଅତୀତର ସେହି ସ୍ମୃତିସବୁକୁ। ତା'ଛଡ଼ା ଏହି ମନ୍ଦିରରେ ପୂଜା ପାଉଥିବା ଭଗବାନ ଶିବ ଓ ବିଷ୍ଣୁ ଖୁବ୍ ପ୍ରତ୍ୟକ୍ଷ ହୋଇଥିବାରୁ ଏଠାରେ ସବୁବେଳେ ଭକ୍ତଗଣଙ୍କର ଭିଡ଼ ଲାଗି ରହିଥାଏ। ସେହିପରି ଇତିହାସ ସମ୍ପର୍କିତ ତଥ୍ୟ ସଂଗ୍ରହ କରିବାରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କ ପାଇଁ ଏହି ସ୍ଥାନଟି ବି ବହୁତ ଖାସ୍ ହୋଇଥାଏ। ତା'ଛଡ଼ା ଏଠାରେ ଥିବା ଅନ୍ୟ ଛୋଟ ବଡ଼ ପ୍ରାଚୀନ ମନ୍ଦିରଗୁଡ଼ିକୁ ବି ପର୍ଯ୍ୟଟକ ବୁଲି ଯାଇ ନିଆରା ଅନୁଭୂତି ସାଉଁଟି ପାରିବେ।

### ନିକଟସ୍ଥ ପର୍ଯ୍ୟଟନସ୍ଥଳୀ


ପ୍ରାକୃତିକ ପରିବେଶପୂର୍ଣ୍ଣ ଅବନ୍ତିପୁରରେ ପ୍ରାଚୀନ ମନ୍ଦିରଗୁଡ଼ିକୁ ବୁଲି ଦେଖିବା ସହ ପର୍ଯ୍ୟଟକ ଚାହିଁଲେ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଅନନ୍ତନାଗ, ମାର୍ତ୍ତଣ୍ଡ ସୂର୍ଯ୍ୟ ମନ୍ଦିର, ପଦଗାମ୍‌ପୋରା, ଚାର୍‌ସୋ ଅବନ୍ତିପୋରା ଇତ୍ୟାଦି ଲୋକପ୍ରିୟ ଦର୍ଶନୀୟ ସ୍ଥାନଗୁଡ଼ିକୁ ବି ଦେଖିବାକୁ ଯାଇପାରିବେ।




















# କେଶହୀନ କନିଆ

ବିବାହ ବେଳେ କନିଆର ଶୃଙ୍ଗାର ସମସ୍ତଙ୍କୁ ଆକୃଷ୍ଟ କରେ । ଶୃଙ୍ଗାର ଭିତରେ କେଶ ବିନ୍ୟାସର ଥାଏ ବିଶେଷ ଗୁରୁତ୍ୱ । କନିଆର କେଶ ଯେତେ ସୁନ୍ଦର କେଶ ବିନ୍ୟାସ ସେତେ ଆକର୍ଷକ ହୁଏ । ହେଲେ ନିକଟରେ ଜଣେ କେଶ ନ ଥିବା କନିଆଙ୍କ ଫଟୋ ବେଶ୍ ଚର୍ଚ୍ଚାରେ ରହିଛି । କେଶ ନ ଥାଇ ବି ସେ କନିଆ ବେଶରେ ଲାଗୁଥିଲେ ବେଶ୍ ସୁନ୍ଦର । ସେହି କନିଆ ଜଣକ ହେଉଛନ୍ତି ତାମିଲନାଡୁର ୨୮ ବର୍ଷୀୟା ବୈଷ୍ଣବୀ ପୁବେନ୍ଦ୍ରନ ପିଲ୍ଲେ । ଯେ କି ଏବେ ରହନ୍ତି ମାଲେସିଆରେ । ହାତରେ ମେହେନ୍ଦୀ, କପାଳରେ ବିନ୍ଦି, ଓଠରେ ଚକୋଲେଟ୍ ରଙ୍ଗର ଲିପ୍‌ଷ୍ଟିକ୍ ସାଙ୍ଗକୁ ଚକୋଲେଟ୍ ରଙ୍ଗର ଶାଢିରେ ସେ ଲାଗୁଥିଲେ ଅତି ସୁନ୍ଦର କନିଆଟିଏ । ହେଲେ ତାଙ୍କ ମୁଣ୍ଡରେ ନ ଥିଲା କେଶ । ସେ ନିଜ ମୁଣ୍ଡକୁ ଘୋଡାଇବାକୁ ବି ଚେଷ୍ଟା କରି ନ ଥିଲେ । କିଛି ଫଟୋରେ ସେ ପତଳାଧଳା ରଙ୍ଗର ଓଢଣି ମୁଣ୍ଡରେ ପକାଇଛନ୍ତି । ହେଲେ ସେଥିରେ ତାଙ୍କ ମୁଣ୍ଡ ସଫା ସଫା ଦେଖାଯାଉଥିଲା । ତଥାପି ଏଇ ଅଭାବ ତାଙ୍କ ସୌନ୍ଦର୍ଯ୍ୟକୁ ମଳିନ କରିପାରି ନ ଥିଲା । ଦୁଇ ଦୁଇ ଥର କ୍ୟାନ୍ସର(ସ୍ତନ କର୍କଟ, ଲିଭର୍, ବ୍ୟାକ୍‌ବୋନ୍ କ୍ୟାନ୍ସର) ସହ ଲଢିଥିବା ବୈଷ୍ଣବୀ ସାରା ଦୁନିଆ ଆଗରେ କେଶବିହୀନ କନିଆ ହୋଇ ସମସ୍ତଙ୍କ ମନ ଜିଣିପାରିଲେ । କ୍ୟାନ୍ସର ପାଇଁ ଯେ ତାଙ୍କର କେଶ ନଷ୍ଟ ହୋଇଛି ତାହା ନୁହେଁ ତାଙ୍କର ସ୍ତନ ବି ବାହାର କରି ଦିଆଯାଇଛି । ତଥାପି ମନୋବଳ ତାଙ୍କର କମିନି । ସେ କନିଆ ବେଶରେ ଫଟୋ ଶୁଟ୍ କରାଇ ଇନ୍‌ଷ୍ଟାଗ୍ରାମ୍‌ରେ ଅପଲୋଡ୍ କରିଥିଲେ । ତାଙ୍କ ଫଟୋକୁ ଲୋକେ ବହୁତ ପସନ୍ଦ କଲେ ।

## କାର୍ଟୁନ କର୍ନର



ଷ୍ଟୋରି–ସସ୍‌ପେନ୍ସ–ଏଣ୍ଟରଟେନ୍‌ମେଣ୍ଟ

# ଭିତିରି କଥା

ପ୍ରତ୍ୟେକ ଯୁବତୀଯୁବକଙ୍କ ପାଇଁ ବାସର ରାତି ଏକ ନିଆରା ଅନୁଭୂତି ନେଇ ଆସିଥାଏ। ଆଦୌ ଚିହ୍ନା ନ ଥିବା, ଜଣା ନ ଥିବା ଦୁଇଟି ଝିଅପୁଅଙ୍କ ମଧ୍ୟରେ ଏହି ରାତିରେ ଅବଶିଷ୍ଟ ଜୀବନ ପାଇଁ ଏକ ସ୍ଥାୟୀ ସମ୍ପର୍କ ସ୍ଥାପିତ ହୋଇଯାଏ। ସେମାନେ ପରସ୍ପରର ସୁଖଦୁଃଖରେ ସବୁଦିନ ଲାଗି ବାନ୍ଧି ହୋଇଯାଆନ୍ତି। ମାତ୍ର ଯଦି ବାସର ରାତିରେ ତାକୁ ଅପେକ୍ଷା କରିଥିବା ଝିଅଟିର ଓଢ଼ଣା ଟେକିଦେଇ ପୁଅଟି ହଠାତ୍ ହାଉଳି ଖାଇଯାଏ – ଆଉ ଝିଅଟି ମଧ୍ୟ ପୁଅଟିକୁ ଦେଖି ଆଶ୍ଚର୍ଯ୍ୟରେ ଆଖି କାଢ଼ି ପକାଏ ତା'ହେଲେ ?

ପୁଅଟି ଚିରଦିନ ଅବହେଳିତ। ମା' ନାହିଁ। ସାବତ ମା'ର ଘୃଣା, ଛି ଛି କାରକୁ ନେଇ ଜୀବନ ବଞ୍ଚିଛି। ସେତିକିରେ ସନ୍ତୁଷ୍ଟ ହୋଇନାହିଁ ସାବତ ମା'। ନିଜର ଜନ୍ମକଲା ପୁଅ ସହ ମିଶି ସେ ତାକୁ ହତ୍ୟା କରିବାର ଷଡ଼ଯନ୍ତ୍ର ମଧ୍ୟ ରଚିଛି। ଲହୁଲୁହାଣ ହୋଇ ଡାକ୍ତରଖାନା ଯାଇଛି। ସେଠାରୁ ମଧ୍ୟ ଭଲ ହୋଇ ଫେରିଛି। ଶେଷରେ ବାପ ବି ନିଷ୍ପତ୍ତି ନେଇଛି ପୁଅର ବାହାଘର କରିଦେଇ ତାଙ୍କ ଦାୟିତ୍ୱ ଶେଷ କରିଦେବେ। କାଳେ ତା' ଜୀବନକୁ ଝିଅଟିଏ ଆସିଗଲେ ତା' ଜୀବନରେ ହସଖୁସି ଭରିଯିବ। ଝିଅଟି ତାକୁ ଭଲପାଇବ। ପ୍ରେମ ଦବ। ସ୍ନେହ କରିବ। ତା' ଜୀବନକୁ ମଧୁମୟ କରି ତୋଳିବ। ପୁଅଟି ମଧ୍ୟ ଠିକ୍ ସେଇକଥା ଭାବୁଥାଏ। ସେଥିଲାଗି ବାହାଘରକୁ ନେଇ ଖୁବ୍ ଖୁସି ଥାଏ ପୁଅଟି। ହେଲେ ଏ କ'ଣ ହେଲା ? ବାସର ଘରକୁ ପଶୁପଶୁ ତା'ର ସବୁ ହସଖୁସି ମଉଳିଗଲା। ଯାହାକୁ ବାହା ହେଇଛି ସେ ତାକୁ ରୋକ୍‌ଠୋକ୍ ଶୁଣେଇଦେଲା ଯେ, ସେ ତା'ର ସ୍ତ୍ରୀ ହୋଇପାରିବନି କିମ୍ବା ତାକୁ ସ୍ୱାମୀ ବୋଲି ମାନିନେଇ ପାରିବନି। କାହିଁକି ଏମିତି ହେଲା ? କାହିଁକି ଏମିତି କହିଲା ପିଲାଟିର ନବବିବାହିତା ସ୍ତ୍ରୀ ? ଏହା ପଛରେ କ'ଣ ରହିଛି ରହସ୍ୟ ? ଏହା ତା'ର ବିମାତାର ଏକ ଚାଲ୍ କି ? କ'ଣ ହେଇପାରେ ଏଭଳି ଘଟଣାର ଭିତିରି କଥା ?


ଲାଲା ବିରେନ୍ ରାଏ –କୈଳାସ ମଲ୍ଲିକ


ଏଭଳି ଅନେକ ପ୍ରଶ୍ନର ଉତ୍ତର ପାଇବାକୁ ହେଲେ 'ସୂର୍ଯ୍ୟମନ୍ଦିର' ପ୍ରଯୋଜିତ ନାଟକ 'ଭିତିରି କଥା' ଦେଖିବାକୁ ହେବ। ନାଟକଟିରେ ହିଁ ରହିଛି ଏ ସବୁ ପ୍ରଶ୍ନର ଉତ୍ତର। ଯାତ୍ରାନୁଷ୍ଠାନ 'ସୂର୍ଯ୍ୟମନ୍ଦିର'ର ପରିଚାଳକ ତଥା ନାଟ୍ୟକାର ବଙ୍କିମ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତ ଏହି ନାଟକଟିକୁ ରଚନା କରିନ୍ତି ବର୍ଷିୟାନ୍ ନାଟ୍ୟକାର କୈଳାସ ମଲ୍ଲିକ। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଅଭିଜ୍ଞ ନିର୍ଦ୍ଦେଶକ ଲାଲା ବିରେନ୍ ରାଏ। ନାଟକଟି ବେଶ୍ ଏଣ୍ଟରଟେନିଂ। ଆରମ୍ଭରୁ ଶେଷପର୍ଯ୍ୟନ୍ତ ଜାରି ରହିଛି ସସ୍‌ପେନ୍ସ। ସେତିକି ନୁହେଁ, ନାଟକଟିରେ ଭରପୂର ମନୋରଞ୍ଜନର ଖୋରାକ ଖଞ୍ଜିଛନ୍ତି ନାଟ୍ୟକାର ଓ ନିର୍ଦ୍ଦେଶକ। ନାଟକରେ ଥିବା ଗୀତଗୁଡ଼ିକୁ ନିଗମ ମିଶ୍ର ରଚନା କରିଥିବା ବେଳେ ସ୍ୱରରେ ସଜେଇଛନ୍ତି ମିହିର ମହାନ୍ତି। ବିଗତ ବର୍ଷଗୁଡ଼ିକରେ 'ହୋଟେଲ୍ ଫାଇଭ୍ ଷ୍ଟାର', 'ବାଉନ ବଜାର ତେପନ ଗଳି', 'ରହିମ୍ ଖାଁର ଭାଗବତ ଟୁଙ୍ଗି', 'ରୂପା ପାଲିଙ୍କିରେ ସୁନା କନିଆଁ', 'ବଉଳଲୋ ମୋର ବର ଆସୁଛି', 'ସାତ ଟଙ୍କାର ସାନବୋହୂ', 'ପାଞ୍ଚ ପଇସାର ସ୍ୱାମୀ' ଭଳି ସଫଳ ନାଟକ ରଚନା କରିଥିବା ନାଟ୍ୟକାର କୈଳାସ ମଲ୍ଲିକଙ୍କର ଏହି ନାଟକଟି ମଧ୍ୟ ଚଳିତ ବର୍ଷର ଦର୍ଶକମାନଙ୍କୁ ଶତପ୍ରତିଶତ ମନୋରଞ୍ଜନ ପ୍ରଦାନ କରିବ ବୋଲି ଅନୁଷ୍ଠାନ ତଥା ନାଟ୍ୟକାର ଓ ନିର୍ଦ୍ଦେଶକ ଆଶାବାଦୀ ଅଛନ୍ତି।

# ବିଶିକୁମାର–ପଦ୍ମାଳୟା

ଯାତ୍ରା ଜଗତରେ ଅନେକ ସିଙ୍ଗର କପୁଲ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଗୋଟିଏ କପୁଲ ହେଉଛନ୍ତି ବିଶିକୁମାର ଓ ପଦ୍ମାଳୟା। ସମ୍ପ୍ରତି ଏମାନଙ୍କର ସଂଗୀତର ଲହର ଛୁଟୁଛି ଯାତ୍ରା 'ସ୍ୱପ୍ନମହଲ'ରେ। ବିଶିକୁମାର ମୁଖ୍ୟତଃ ମହମ୍ମଦ ଅଜିଜ୍‌ଙ୍କ ଗୀତ ଗାଇବାକୁ ପସନ୍ଦ କରୁଥିବା ବେଳେ ପଦ୍ମାଳୟା ସବୁପ୍ରକାର ଗୀତ ଗାଇବାରେ ମାହିର। ୨୦୦୦ ମସିହାରେ ବିଶିକୁମାର ଆସିଥିଲେ ଯାତ୍ରାକୁ। ତାଙ୍କର ପ୍ରଥମ ଯାତ୍ରାନୁଷ୍ଠାନ ଥିଲା 'ତ୍ରିନାଥ ଗଣନାଟ୍ୟ'। ଭୁବନେଶ୍ୱର ସୁନ୍ଦରପଦା ଅଞ୍ଚଳର ଏହି ଯୁବକ ଜଣକ ମୂଳରୁ ସଙ୍ଗୀତ ପ୍ରତି ଆକୃଷ୍ଟ ଥିଲେ। ବିଭିନ୍ନ ସଙ୍ଗୀତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିଲେ। ବ୍ୟାଣ୍ଡରେ ମଧ୍ୟ ଗୀତ ଗାଉଥିଲେ। ଦିନେ ସେମିତି ଗୋଟିଏ କାର୍ଯ୍ୟକ୍ରମରେ ଗୀତ ଗାଉଥିବା ବେଳେ ତାଙ୍କୁ ଠାବ କରିଥିଲେ ଯାତ୍ରା ଜଗତର ଅଭିଜ୍ଞ ପ୍ୟାଡ୍ ଆର୍ଟିଷ୍ଟ ରାଜୁ ମିଶ୍ର। ରାଜୁ ମିଶ୍ର ହେଉଛନ୍ତି ସୁଖ୍ୟାତ ଅଭିନେତ୍ରୀ ରୀନା ପଣ୍ଡାଙ୍କ ସ୍ୱାମୀ। ରାଜୁ ମିଶ୍ର ହିଁ ତାଙ୍କୁ ନେଇଆସିଥିଲେ ଯାତ୍ରାକୁ। ସେବେଠୁ ଆଉ ଯାତ୍ରାରୁ ପଛକୁ ଅନେଇ ନାହାନ୍ତି ବିଶିକୁମାର। ୨୦୦୧ରେ ଯାତ୍ରାକୁ ଆସିଲେ ପଦ୍ମାଳୟା। ସେ ମଧ୍ୟ ସେହି 'ତ୍ରିନାଥ ଗଣନାଟ୍ୟ'ରୁ ତାଙ୍କର ଯାତ୍ରା କ୍ୟାରିୟର ଆରମ୍ଭ କରିଥିଲେ। 'ତ୍ରିନାଥ'ରେ ଥିବା ବେଳେ ଉଭୟ ବିଶିକୁମାର ଓ ପଦ୍ମାଳୟା ପରସ୍ପର ପ୍ରତି ଆକୃଷ୍ଟ ହୋଇଥିଲେ। କିଛିଦିନ ପରେ ସେମାନେ ଅନୁଭବ କଲେ ଯେ, ସେମାନେ ପରସ୍ପରର ଜୀବନସାଥୀ ହେବା ପାଇଁ ହିଁ ଜନ୍ମ ହୋଇଛନ୍ତି। ତେବେ ସେମାନେ ଯାତ୍ରା ଜଗତରେ ନୂଆ ହୋଇଥିବା ହେତୁ ତାଙ୍କ ପ୍ରେମକୁ ଅନେକେ ସ୍ୱୀକାର କରି ନ ଥିଲେ। ତେଣୁ ପ୍ରାଥମିକ ପର୍ଯ୍ୟାୟରେ ସେମାନଙ୍କୁ ଦୃଢ଼ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ତେବେ ଯେଉଁଠି ପ୍ରେମର ଡୋର ମଜଭୁତ, ସେଠାରେ ଅନ୍ୟ କୌଣସି ଶକ୍ତି କାମ କରିବ ନାହିଁ। ଉଭୟ ବିଶିକୁମାର ଓ ପଦ୍ମାଳୟା ପରସ୍ପରକୁ ଜୀବନସାଥୀ କରିବେ ବୋଲି ନିଷ୍ପତ୍ତି ନେଇସାରିଥିଲେ। ତେଣୁ ସେମାନଙ୍କର କାହାର କହିବା ନ କହିବାକୁ ନେଇ କିଛି ଚିନ୍ତା କରିବାର ନ ଥିଲା। ସେମାନେ ଦିନେ କାହାରିକୁ କିଛି ନ କହି ଯାତ୍ରା ଛାଡ଼ି ପଳେଇଗଲେ। ବିଶିକୁମାର କହନ୍ତି, ପଦ୍ମାଳୟା ସହିତ ଚାଲିଆସି ମୁଁ ମୋ ପିଉସୀ ଘରେ ରହିଲି। ମୋ ବାପା ଖୋଜିଖୋଜି ଯାଇ ସେଠାରେ ପହଞ୍ଚିଲେ। ଆମ ଉଭୟଙ୍କର ସହମତି ଥିବା ଦେଖି ସେମାନେ ଆମର ବିବାହ କରାଇବାକୁ ସମ୍ମତି ଦେଲେ। ଆମେ ଉଭୟ କୋର୍ଟରେ ମ୍ୟାରେଜ କଲୁ।

ବିବାହ ପରେ ସେମାନେ ଆସି 'ସଚ୍ଚିଦାନନ୍ଦ'ରେ ଯୋଗଦେଲେ। ତେବେ ଅନ୍ତଃସତ୍ତ୍ୱା କାରଣରୁ ପଦ୍ମାଳୟାଙ୍କୁ କିଛିଦିନ ପାଇଁ ଯାତ୍ରାରୁ ଦୂରେଇ ରହିବାକୁ ପଡ଼ିଥିଲା। ଏବେ ବିଶିକୁମାର ଓ ପଦ୍ମାଳୟାଙ୍କର ଗୋଟିଏ ଝିଅ (ସୁପ୍ରିୟା) ଓ ଗୋଟିଏ ପୁଅ (ଅଂଶୁମାନ)। 'ତ୍ରିନାଥ ଗଣନାଟ୍ୟ'ରୁ ଯାତ୍ରା କ୍ୟାରିୟର ଆରମ୍ଭ କରିଥିବା ଉଭୟ ବିଶିକୁମାର ଓ ପଦ୍ମାଳୟା ଇତିମଧ୍ୟରେ 'କୋଣାର୍କ', 'ଇନ୍ଦ୍ରଭୁବନ', 'ଇନ୍ଦ୍ରମହଲ' ଆଦି ଗଣନାଟ୍ୟରେ ସଫଳତାର ସହିତ କଣ୍ଠଦାନ କରି ଚଳିତ ବର୍ଷ ଆସି ପହଞ୍ଚିଛନ୍ତି 'ସ୍ୱପ୍ନମହଲ'ରେ। ଆଉ ପ୍ରତି ରାତିରେ ସ୍ୱପ୍ନମହଲର ଦର୍ଶକମାନଙ୍କୁ ସେମାନଙ୍କ ସୁରିଲା ସଙ୍ଗୀତର ଯାଦୁରେ ମତୁଆଲା କରୁଛନ୍ତି।





# ଚୁମ୍ବନରୁ ଚୟନ ହୁଏ ପ୍ରେମୀ

ଚୁମ୍ବନ ଉପରେ ଯେ କେବଳ ମଣିଷର ଅଧିକାର ଅଛି ସେପରି ଭାବିବା ଠିକ୍ ନୁହେଁ। ହ୍ୱାଇଟ୍ ଫ୍ରଣ୍ଟେଡ୍ ପ୍ୟାରଟ ନାମରେ ଗୋଟି ପ୍ରଜାତିର ଶୁଆ ଦେଖିବାକୁ ମିଳନ୍ତି, ଯେଉଁମାନେ ଚୁମ୍ବନ ଦେବାରେ ମାହିର। ଏହି ଶୁଆଗୁଡ଼ିକ ଖୁବ୍ ଆକର୍ଷଣୀୟ ଲାଗନ୍ତି। ଏମାନଙ୍କ ଆଖି ଚାରିପଟେ ନାଲିରଙ୍ଗ ରେଖା ରହିଥିବାରୁ ଏଗୁଡ଼ିକ ବେଶି ସୁନ୍ଦର ଦେଖାଯାଆନ୍ତି। ମିଳନ ସମୟ ପାଖେଇ ଆସିଲେ ଏମାନେ ସାଥୀ ଚୟନ କରିବାକୁ ବାହାରନ୍ତି। ଆଉ ସେହି ସମୟରେ ହିଁ ସେମାନଙ୍କୁ ଚୁମ୍ବନ ସହାୟକ ହୋଇଥାଏ। ଚୁମ୍ବନ କରିବାର କ୍ଷମତାକୁ ଦେଖି ସେମାନେ ନିଜ ପାଇଁ ପ୍ରେମୀ ବାଛିଥାନ୍ତି। ସେମାନେ ଚଞ୍ଚୁରେ ଚଞ୍ଚୁ ଘଷି ତଥା ପରସ୍ପରର ଜିଭ ସହିତ ଖେଳିଥାନ୍ତି। ଯଦି ଦୁଇଟିଯାକ ଶୁକପକ୍ଷୀ ଭାବନ୍ତି ଯେ, ସେମାନେ ପରସ୍ପର ପରସ୍ପର ପାଇଁ ଯୋଗ୍ୟ ତା'ହେଲେ ଅଣ୍ଡିରା ଶୁଆଟି ଉପହାର ସ୍ୱରୂପ ମାଈଶୁଆର ପାଟିରେ ବାନ୍ତି କରିଥାଏ। ଫଳସ୍ୱରୂପ, ମାଈଶୁଆଟି ଜାଣିନିଏ ଯେ, ତାକୁ ତା'ର ମନଲାଖି ସାଥୀ ମିଳିଯାଇଛି। ଏହାପରେ ସେମାନଙ୍କର ବଂଶ ବିସ୍ତାରର କାର୍ଯ୍ୟ ଆରମ୍ଭ ହୋଇଥାଏ। ପ୍ରକୃତିର ଏହି ଜୀବଟି ଖାସ୍ ଚୁମ୍ବନ ପାଇଁ ନିଆରା ବୋଲି ପକ୍ଷୀ ବିଶେଷଜ୍ଞଙ୍କ ମତ।







# କୁକୁର ପାଲଟିଛି କିଙ୍ଗ ଅଫ ବାଲାନ୍ସ

**ହା**ର୍ଲସୋ ହେଉଛି ଏକ ୫ ବର୍ଷୀୟ ଦାଚ୍‌ସହୁଣ୍ଡ ପ୍ରଜାତିର କୁକୁର। ତା'ର ଘର ଉତ୍ତର ଆୟର୍ଲାଣ୍ଡର ବେଲଫାଷ୍ଟରେ। ହେଲେ ଏବେ ସେ ସୋସିଆଲ୍ ମିଡିଆରେ ବେଶ୍ ଚର୍ଚ୍ଚିତ। କାରଣ ହାର୍ଲସୋ ନିଜ ମୁଣ୍ଡରେ ବିଭିନ୍ନ ଜିନିଷକୁ ସନ୍ତୁଳନ ରକ୍ଷାକରି ରଖିପାରୁଛି। ତାହା ପାଣିଭର୍ତ୍ତି ଗ୍ଲାସ୍ ହେଉ କି ଖେଳଣା ଅବା ଖାଦ୍ୟ ସାମଗ୍ରୀ, ସବୁ ଜିନିଷକୁ ସେ ବେଶ୍ ଆରାମରେ ନିଜର କୁନି ମୁଣ୍ଡରେ ଅନେକ ସମୟ ପର୍ଯ୍ୟନ୍ତ ରଖିପାରେ। ହାର୍ଲସୋର ଏହି ପ୍ରତିଭା ସମ୍ପର୍କରେ ତା' ମାଲିକ ପଲ ଲାଭେରୀ ତିନିବର୍ଷ ପୂର୍ବେ ଜାଣିବାକୁ ପାଇଥିଲେ। ସେ ଯେବେ ତା' ମୁଣ୍ଡରେ ଏକ ଖେଳଣା ରଖିଲେ ତାକୁ ସେ ଅନେକ ସମୟ ପର୍ଯ୍ୟନ୍ତ ନ ପକାଇ ଧରି ରଖିପାରିଥିଲା। ପରେ ଲାଭେରୀ ବିଭିନ୍ନ ପ୍ରକାରର ଜିନିଷ ହାର୍ଲସୋ ମୁଣ୍ଡରେ ରଖିଲେ। ଏବେ ହାର୍ଲସୋ ବାଲାନ୍ସର କିଙ୍ଗ ପାଲଟିଗଲାଣି। ଏହି ସମୟର ଫଟୋକୁ ମାଲିକ ଲାଭେରୀ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କଲେ। ଆଉ ଲୋକେ ଏହାକୁ ବେଶ୍ ପସନ୍ଦ କଲେ। ଏବେ ଇନ୍‌ଷ୍ଟାଗ୍ରାମରେ ହାର୍ଲସୋର ୧୪,୦୦୦ ଫଲୋୟର ଅଛନ୍ତି।



# ତାଳଗଛ ଚଢା ପ୍ରତିଯୋଗିତା

**ଅ**ଗଷ୍ଟ ୧୭ ତାରିଖ ହେଉଛି ଇଣ୍ଡୋନେସିଆର ସ୍ୱାଧୀନତା ଦିବସ। ଏହିଦିନକୁ ଇଣ୍ଡୋନେସିଆ ବାସୀ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରନ୍ତି। ପାରମ୍ପରିକ ପର୍ବ ପାଳନ ସହ ଆତସବାଜି ହୁଏ। ବିଭିନ୍ନପ୍ରକାର ପ୍ରତିଯୋଗିତା ବି ଆୟୋଜନ କରାଯାଏ। ସେହି ପ୍ରତିଯୋଗିତା ମଧ୍ୟରେ ତାଳଗଛ ଚଢିବା ପ୍ରତିଯୋଗିତା ବହୁତ କଷ୍ଟକର। ଏଥିରେ ଚାରିଜଣିଆ ଟିମ୍ ଅଂଶଗ୍ରହଣ କରନ୍ତି। ପ୍ରତିଯୋଗିତାକୁ କଠିନ କରିବା ପାଇଁ ଗଛର ଗଣ୍ଡିରେ ତେଲ ଲଗାଯାଇଥାଏ। ଏମିତି ସ୍ଥିତିରେ ବି ଯେଉଁ ଦଳ ଗଛକୁ ଖୁବ୍‌ଶୀଘ୍ର ଚଢିପାରନ୍ତି ତାଙ୍କ ଉପରେ ଆୟୋଜକମାନେ ପାଣି ଢାଳନ୍ତି। ଯେଉଁମାନେ ଏହିସବୁ ପ୍ରତିବନ୍ଧକକୁ ସାମ୍ନାକରି ପ୍ରଥମେ ଉପରକୁ ଚଢିପାରନ୍ତି, ସେହି ଦଳ ବିଜୟୀ ହୁଅନ୍ତି। ଗଛର ଉପରଭାଗରେ ଟଙ୍କା ସହ ବିଭିନ୍ନ ପୁରସ୍କାର ବି ଥାଏ। ତାକୁ ମଧ୍ୟ ପ୍ରତିଯୋଗୀ ଆଣିପାରିବେ।







# ବହୁମୂଲ୍ୟ କଙ୍କଡା ରକ୍ତ

**ହ**ର୍ଷସୁ' କଙ୍କଡା ଦେଖିବାକୁ ଘୋଡାର ନାଲ ଭଳି। ହେଲେ ଏହାର ସାଙ୍କୁଚ ପରି ଲାଞ୍ଜ ଥାଏ। ଏହାର ବୈଜ୍ଞାନିକ ନାମ ହେଉଛି ଲିମୁଲସ୍ ପଲିଫେମସ୍। ଆଉ ଏହି କଙ୍କଡାର ରକ୍ତ ନୀଳ ରଙ୍ଗର ହୋଇଥାଏ। ଉକ୍ତ କଙ୍କଡାର ରକ୍ତ ମେଡିକାଲ ସାଇନ୍ସ ପାଇଁ ଅମୃତ ସ୍ୱରୂପ। ବିଭିନ୍ନ ଔଷଧରେ ବ୍ୟବହାର ହେଉଥିବା ଏହାର ରକ୍ତର ମୂଲ୍ୟ ଆକାଶଛୁଆଁ। ଅର୍ଥାତ୍ ଏକ ଲିଟର ରକ୍ତର ମୂଲ୍ୟ ୧୦ ଲକ୍ଷ ଟଙ୍କା ହୋଇଥାଏ। ପ୍ରତିବର୍ଷ ୫ ଲକ୍ଷ କଙ୍କଡାଙ୍କର ରକ୍ତ ବାହାର କରାଯାଇଥାଏ। ରକ୍ତ ବାହାର କରିବା ପାଇଁ ସେମାନଙ୍କୁ ମରାଯାଇଥାଏ। ଏହି କଙ୍କଡାର ରକ୍ତକୁ ମଣିଷ ଶରୀରରେ ଇଞ୍ଜେକ୍ଟ କରି ବିପଜ୍ଜନକ ବ୍ୟାକ୍ଟେରିଆକୁ ଚିହ୍ନଟ କରାଯାଇଥାଏ। କାରଣ ଏହି ରକ୍ତରେ ମଣିଷ ଶରୀର ମଧ୍ୟସ୍ଥ ବିପଜ୍ଜନକ ବ୍ୟାକ୍ଟେରିଆକୁ ଠିକ୍‌ଭାବେ ଚିହ୍ନଟ କରିବାର କ୍ଷମତା ଥାଏ।